● ଜୟପୁର ଉଚ୍ଚ ବିଦ୍ୟାଳୟର ରଜତ ଜୟନ୍ତୀ ଉଦ୍‌ଯାପିତ

# ୫୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା

**କୁଆମରା, ୩୧।୩ (ସମିସ):** ଗୋପବନ୍ଧୁ ନଗର ବ୍ଲକ ଜୟପୁର ଉଚ୍ଚ ବିଦ୍ୟାଳୟର ରଜତ ଜୟନ୍ତୀ ସମାରୋହ ଉଦଯାପିତ ହୋଇଯାଇଛି । ପ୍ରଥମ ଅଧିବେଶନରେ



ପୁରାତନ ଛାତ୍ର ସଂସଦର ସଭାପତି ଅଜିତ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥିଭାବେ କୁଣ୍ଡାବାଇ ଆରଡିଏସ୍ କଲେଜ ଅଧ୍ୟାପକ ଦିଲ୍ଲୀପ କୁମାର ପରମାଣିକ, ମୁଖ୍ୟବକ୍ତା ଅବସରପ୍ରାପ୍ତ ସହକାରୀ ଶିକ୍ଷକ ଦିଲ୍ଲୀପ ନାୟକ, ସମ୍ମାନିତ ଅତିଥି ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ବରୋଜ କୁମାର ରାଜ, ଜୟପୁର ମଧ ଇଂରାଜୀ ବିଦ୍ୟାଳୟର ଶିକ୍ଷକ ପ୍ରିୟବ୍ରତ ବାରିକ, ପୁରାତନ ଛାତ୍ର ସଂସଦର ସମ୍ପାଦକ ଦିପ୍ତୀକାନ୍ତ ଜେନା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସରୋଜ କୁମାର ରାଜ ପ୍ରମୁଖ ଯୋଗଦେଇ ଛାତ୍ର ମନରେ ଆତ୍ମବିଶ୍ୱାସ ଜାଗ୍ରତ କରୁଥିବା ବ୍ୟକ୍ତି ହିଁ ଆଦର୍ଶ ଶିକ୍ଷକ ବୋଲି ମତ ଦେଇଥିଲେ । ଏହି ଅବସରରେ ପୁରାତନ ଛାତ୍ରଛାତ୍ରୀ ଖୋଲା ଅଧିବେଶନରେ ଯୋଗଦେଇ ଛାତ୍ର ଜୀବନର ଅତୀତ ସ୍ମୃତିକୁ ବଖାଣିଥିଲେ । ଅପରାହ୍ନରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନ ତଥା ଉଦଯାପନୀ ସମାରୋହରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରବିକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଫକୀରମୋହନ ବିଶ୍ୱବିଦ୍ୟାଳୟର ଓଡିଆ ବିଭାଗ ମୁଖ୍ୟ ପ୍ରଫେସର ଡଃ ଦେବାଶିଷ ପାତ୍ର, ବିଶିଷ୍ଟ ଅତିଥି ଅବସରପ୍ରାପ୍ତ ଡଃ ଭାଗବତ ବେହେରା, ମୁଖ୍ୟବକ୍ତା ଓଡିଆ ସାହିତ୍ୟ ଏକାଡେମୀର ସଭ୍ୟ କାଳିଚରଣ ପଣ୍ଡା, ସମ୍ମାନିତ ଅତିଥି ଅବସରପ୍ରାପ୍ତ ପ୍ରଧ୍ୟାପକ ପ୍ରଶାନ୍ତ ବରାଳ, ଶ୍ୟାମସୁନ୍ଦର ପଣ୍ଡା, ବାଣିଜ୍ୟ ବିଭାଗ ବରିଷ୍ଠ ଅଧ୍ୟାପକ କରୁଣାକର ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଜଗଦୀଶ ମିଶ୍ର, ପ୍ରଧାନ ଶିକ୍ଷକ ମଣ୍ଟୁ କୁମାର ସାସମଲ, ଓଲିଉଡ ହାସ୍ୟାଭିନେତା ତଥା ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ତତ୍ତ୍ୱପ୍ରକାଶ ଶତପଥୀ (ପପୁ ପମ୍ ପମ୍) ପ୍ରମୁଖ ଯୋଗ ଦେଇ ସଫଳ ଲକ୍ଷ୍ୟ ପଛରେ ପ୍ରତ୍ୟେକ କାର୍ଯ୍ୟରେ କର୍ତ୍ତବ୍ୟନିଷ୍ଠା ହେବା ଅତ୍ୟନ୍ତ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ୫୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ମାନପତ୍ର ସହ ସମ୍ମାନିତ କରାଯାଇଥିଲା ।

ନିର୍ବାଚନ ପାଇଁ ମିଳିତ ଯାନବାହନ ଯାଞ୍ଚ କଡ଼ାକଡ଼ି

# ୨୨ଟି ଚେକ୍ ପୋଷ୍ଟରେ ଚାଲିଛି ୨୪ ଘଣ୍ଟିଆ ପହରା





**ବାରିପଦା, ୩୧।୩(ସମିସ)**

ସାଧାରଣ ନିର୍ବାଚନ-୨୦୨୪କୁ ଅବାଧ ଓ ଶାନ୍ତିପୂର୍ଣ୍ଣ ଭାବେ ପରିଚାଳନା କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କଡାକଡି ଯାନବାହନ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି । ଏ ନେଇ ଜିଲ୍ଲାର ବିଭିନ୍ନ ସ୍ଥାନରେ ଯାଞ୍ଚ ପ୍ରକ୍ରିୟା ଚାଲିଥିବା ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ୍ସ ଯୋଗେ ସେୟାର କରାଯାଇଛି । ସାଧାରଣ ନିର୍ବାଚନ ଘୋଷଣା ହେବା ପରେ ଆଦର୍ଶ ଆଚରଣ ବିଧି ଲାଗି ହୋଇଛି । ଏହାକୁ ନେଇ ଜିଲ୍ଲା ପ୍ରଶାସନ, ଆଞ୍ଚଳିକ ପରିବହନ ବିଭାଗ, ଅବକାରୀ ବିଭାଗ, ପୁଲିସ ଓ ନିର୍ବାଚନକୁ ଗଠିତ ଫ୍ଲାଇଙ୍ଗ ସ୍କ୍ୱାର୍ଡ ଦଳକୁ ନେଇ ଜିଲ୍ଲାର ବିଭିନ୍ନ ସ୍ଥାନରେ ଗାଡିମଟର ଯାଞ୍ଚ କରାଯାଉଛି । ମୟୂରଭଞ୍ଜ ଜିଲ୍ଲାର ସୀମାନ୍ତବର୍ତ୍ତୀ ସ୍ଥାନ ସମେତ ଅନ୍ୟାନ୍ୟ ସ୍ଥାନରେ ପ୍ରବେଶ କରୁଥିବା ବସ, ଟ୍ରକ, କାର ଆଦି ୪ଚକିଆ ଯାନ ଯାଞ୍ଚ କରାଯାଉଛି । ପୁଲିସ ଟିମ ଦ୍ୱାରା ରାତ୍ରିକାଳୀନ ଯାଞ୍ଚ ପ୍ରକ୍ରିୟା ମଧ କରାଯାଉଛି । ମୟୂରଭଞ୍ଜ ଜିଲ୍ଲାର ପଡୋଶୀ ପଶ୍ଚିମବଙ୍ଗ ଓ ଝାଡଖଣ୍ଡ ସୀମାନ୍ତବର୍ତ୍ତୀ ଅଞ୍ଚଳ ହୋଇଥିବା ବେଳେ ଶାନ୍ତିଶୃଙ୍ଖଳାର ନିର୍ବାଚନ ପରିଚାଳନା ପାଇଁ ଯାଞ୍ଚକୁ କଡାକଡି କରାଯାଉଛି । ଯାଞ୍ଚ ସମୟରେ ଗାଡିର କାଗଜପତ୍ର, ଲୋକଙ୍କ ପରିଚୟ, ଆନ୍ତଃରାଜ୍ୟ ଅପରାଧୀଙ୍କ ଗତିବିଧି, ନିର୍ବାଚନ ସମୟରେ ବେଆଇନ ଟଙ୍କା, ମାରଣାସ୍ତ୍ର ଓ ମାଦକ ଦ୍ରବ୍ୟ ଆଦି ଯାଞ୍ଚ କରାଯାଇ ଅପରାଧକୁ ରୋକିବା ନେଇ ପ୍ରକ୍ରିୟା କରାଯାଉଛି । ପ୍ରବେଶ ଓ ପ୍ରସ୍ଥାନ ସ୍ଥାନରେ ଅସ୍ଥାୟୀ ପୁଲିସ ଆଉଟ ପୋଷ୍ଟ ସମେତ ଚେକ ପୋଷ୍ଟ କାର୍ଯ୍ୟ କରୁଛି । ଅସାମାଜିକ କାର୍ଯ୍ୟକଳାପ, ବେଆଇନ ଭାବେ ରାଜ୍ୟ ସୀମାପାର ଆଦି ବାବଦରେ ସନ୍ଦେହ ସୃଷ୍ଟି ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଜିଲ୍ଲାବ୍ୟାପୀ ନାକା କରି ପୁଲିସ ପକ୍ଷରୁ ଦିନରାତି ଯାଞ୍ଚ ପ୍ରକ୍ରିୟା କରିବା ସହ ନିର୍ବାଚନ ସମୟରେ ଟଙ୍କା ଓ ମଦ ଲୋକଙ୍କୁ ପ୍ରଲୋଭିତ କରିବା ଉଦ୍ଦେଶ୍ୟରେ ଚାଲାଣ ଓ ଅପରାଧିକ ଗତିବିଧି ପାଇଁ ମାରଣାସ୍ତ୍ର ପରିବହନ ଯାଞ୍ଚ ପାଇଁ ଯାଞ୍ଚ କାର୍ଯ୍ୟ ଜାରି ରହିଛି । ଜିଲ୍ଲାରେ ୧୨ଟି ଓ ରାଜ୍ୟ ସୀମାନ୍ତବର୍ତ୍ତୀ ପ୍ରବେଶ ପଥରେ ୧୦ଟି ମୋଟ ୨୨ଟି ସ୍ଥାନରେ ଜିଲ୍ଲା ପୁଲିସ ପକ୍ଷରୁ ଚେକପୋଷ୍ଟ ଦିନରାତି କାର୍ଯ୍ୟ କରୁଛି ।

ପୁଣି ଆରମ୍ଭ ହେଲାଣି ବନ୍ୟପ୍ରାଣୀ ଶିକାର

# ଶିମିଳିପାଳ ସୁରକ୍ଷା ପାଇଁ ସମନ୍ୱୟ ବୈଠକ ଜରୁରୀ

ବାରିପଦା, ୩୧।୩(ସମିସ): ମୟୂରଭଞ୍ଜ ଜିଲ୍ଲାର ଆଦିବାସୀ ଜନସାଧାରଣ ପରମ୍ପରାଗତ ଭାବରେ ଜାନୁଆରୀ ମକର ସଂକ୍ରାନ୍ତି ଓ ଅପ୍ରେଲ ପଣା ବା



ବିଷୁଭ ସଂକ୍ରାନ୍ତି ପାଳନ ସମୟରେ ସପ୍ତାବ୍ୟାପୀ ଅଖଣ୍ଡ ଶିକାର କରିଥାନ୍ତି । ଗୋଷ୍ଠୀଗତ ବା ସମୂହ ଭାବରେ ଗାଁ ଦେବତା ବା ଜାହିରାରେ ପୂଜା କରି ଜଙ୍ଗଲ ଭିତରକୁ ପ୍ରବେଶ କରି ନୀରିହ ବନ୍ୟଜନ୍ତୁଙ୍କୁ ଶିକାର କରି ଆଣି ଭୋଜି କରି ଖାଇଥାନ୍ତି । ଏହି ଶିକାରରୁ ସେମାନଙ୍କୁ ବାରଣ ପୂର୍ବକ ସଚେତନ ପାଇଁ ସରକାରଙ୍କ ପକ୍ଷରୁ ଦୀର୍ଘ ବର୍ଷ ଧରି ବ୍ୟାପକ କାର୍ଯ୍ୟକ୍ରମ କରାଯାଉଥିଲେ ହେଁ ବନ୍ଦ ହୋଇପାରୁନି ।

ତେବେ ଏଥିରେ ଅଙ୍କୁଶ ଆସିଛି । ଅପ୍ରେଲ ଅଖଣ୍ଡ ଶିକାର ସମୟରେ ପ୍ରାୟତଃ ଶିକାର ଉଦ୍ଦେଶ୍ୟରେ ଅନେକ ଜଙ୍ଗଲରେ ନିଆଁ ଲଗାଉଥିବାରୁ ଶିମିଳିପାଳରେ ବ୍ୟାପକ କ୍ଷତି ହୋଇଥାଏ । ସେହିପରି ଜଙ୍ଗଲ ମଧ୍ୟରେ ସାମୂହିକ ଶିକାର ଫଳରେ ବନ୍ୟଜନ୍ତୁ ଗ୍ରାମାଭିମୁଖୀ ହୋଇଥାନ୍ତି ; ପରନ୍ତୁ ଚଳିତ ଥର ମାର୍ଚ୍ଚ ମାସରୁ ଭଲ ବର୍ଷା ପାଇଁ ଶିକାରୀଙ୍କୁ ଏହା ସାହାଯ୍ୟ କରୁନି । ଫଳରେ ସେମାନେ ଅଭୟାରଣ୍ୟ ଭିତରକୁ ପଶିବା ଆରମ୍ଭ କରିଛନ୍ତି । ଶୁକ୍ରବାର ଜେନାବିଲ ରେଞ୍ଜ ଅଞ୍ଚଳରେ ଉଦଳା ଥାନର ୩/୪ଟି ଗ୍ରାମର ୪୦ରୁ ଉର୍ଦ୍ଧ୍ୱ ଶିକାରୀ ସୁରକ୍ଷାବଳୟକୁ ଭେଦକରି ଜଙ୍ଗଲରେ ପଶି ସମ୍ବର ଶିକାର କରିବା ପରେ ୯ ଜଣ ଧରା ପଡ଼ିଛନ୍ତି । ଅବଶିଷ୍ଟ ଫେରାର ଥିଲେ ହେଁ ବନବିଭାଗ ସଫଳତା ପାଇ ନାହିଁ । ଏହାକୁ ପ୍ରତିହତ କରିବା ପାଇଁ ପ୍ରତିବର୍ଷ ଅଖଣ୍ଡ ଶିକାର ସମୟରେ ଶିମିଳିପାଳ ଅଭୟାରଣ୍ୟର ସୁରକ୍ଷାକୁ ଅଧିକ ଶକ୍ତିଶାଳୀ କରିବା ଉଦ୍ଦେଶ୍ୟରେ ଜିଲ୍ଲା ସଦର ମହକୁମାର ବାରିପଦାରେ ଏକ ଜିଲ୍ଲାସ୍ତରୀୟ ମିଳିତ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥାଏ । ବୈଠକରେ ଜିଲ୍ଲାପାଳ ଅଧ୍ୟକ୍ଷତା କରୁଥିବା ବେଳେ ତାଙ୍କ ସହିତ ଏସପି, ଆରସିସିଏଫ, ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲାପରିଷଦ ଉନ୍ନୟନ ଅଧିକାରୀ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉପନିର୍ଦ୍ଦେଶକ (ଦକ୍ଷିଣ) ଓ (ଉତ୍ତର), ବାରିପଦା, ରାଇରଙ୍ଗପୁର ଓ କରଞ୍ଜିଆ ବନଖଣ୍ଡ ଅଧିକାରୀ, ଜିଲ୍ଲା ଅଗ୍ନିଶମ ଅଧିକାରୀ, ଜିଲ୍ଲା ଜନସ୍ୱାସ୍ଥ୍ୟ ତଥା ମୁଖ୍ୟ ଚିକିତ୍ସାଧିକାରୀ ଓ ଅବୈତନିକ ବନପ୍ରାଣୀ ତତ୍ତ୍ୱାବଧାରକଙ୍କ ସମେତ ସମସ୍ତ ଲାଇନ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରଥାନ୍ତି । ବନ ବିଭାଗକୁ ସମସ୍ତେ ସହଯୋଗ କରି ଶିକାରୀଙ୍କୁ ଧରିବା ପାଇଁ ଜଙ୍ଗଲ ସଂଲଗ୍ନ ସମସ୍ତ ଥାନା ପକ୍ଷରୁ ସମ୍ପୂର୍ଣ୍ଣ ସହଯୋଗ ଓ ଅଗ୍ନିଶମ ଅଧିକାରୀ ମଧ ଶିମିଳିପାଳ ସଂଲଗ୍ନ ସମସ୍ତ ବିଭାଗୀୟ ଦମକଳକେନ୍ଦ୍ର ଅଧିକାରୀଙ୍କୁ ତତ୍କାଳ ସହାୟତା ଯୋଗାଇ ଦେବାକୁ ଆଲୋଚନା କରିଥାନ୍ତି । ସେହିପରି ଜିଲ୍ଲା ପ୍ରଶାସନ ପକ୍ଷରୁ ଗାଁ ଗାଁରେ ସଚେତନା ସଭା ଦ୍ୱାରା ଅଖଣ୍ଡ ଶିକାର ଓ ବନାଗ୍ନିରୁ ଶିମିଳିପାଳକୁ ସୁରକ୍ଷା ଯୋଗାଇଦେବା ପାଇଁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥାଏ; ପରନ୍ତୁ ଚଳିତ ଥର ନିର୍ବାଚନ ପ୍ରସ୍ତୁତି ପାଇଁ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ବ୍ୟସ୍ତ ଥିବା ବେଳେ ମିଳିତ ସମନ୍ୱୟ ବୈଠକ ନ ହେବା ଶିକାରୀଙ୍କୁ ସୁହାଉଛି । ତେବେ ସ୍ୱତନ୍ତ୍ର ବ୍ୟାଘ୍ର ସୁରକ୍ଷା ବଳ ନିୟୋଜିତ ସହିତ ଉନ୍ନତ ବନ୍ଧୁକ ଓ ବୁଲେଟ ପ୍ରୁଫ ଜାକେଟ ବନକର୍ମଚାରୀଙ୍କୁ ପ୍ରଦାନ କରାଯାଇଛି । ଅଖଣ୍ଡ ଶିକାରର ଶିକାରୀଙ୍କୁ ରୋକିବା ପାଇଁ ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତ ଜରୁରୀ ବୋଲି ପରବେଶବିତ କହିଛନ୍ତି ।

# ବାଇକ୍ ଦୁର୍ଘଟଣାରେ ପଥଚାରୀ ମୃତ; ଉତ୍ତେଜନା

**ବାରିପଦା, ୩୧।୩(ସମିସ):** ରାଜ୍ୟ ରାଜପଥ ୧୯ନଂ. ବାରିପଦା -ଉଦଳା ରାସ୍ତାର ବଡ଼ସାହି ଥାନା ଅନ୍ତର୍ଗତ ବାଲିଯୋଡ଼ା ଛକଠାରେ ବାଇକ ଦୁର୍ଘଟଣାରେ ଜଣେ ପଥଚାରୀଙ୍କ ମୃତ୍ୟୁ ଘଟିଛି; ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ସୂଚନା ଅନୁସାରେ, ରବିବାର ଅପରାହ୍ନରେ ଉଦଳା ପଟୁ ବାରିପଦା ଅଭିମୁଖେ ଆସୁଥିବା ଏକ ଦ୍ରୁତଗାମୀ ବାଇକ ବାଲିଯୋଡ଼ା ଛକରେ ରାସ୍ତା ଯାଉଥିବା ଜଣେ ପଥଚାରୀଙ୍କ ଧକ୍କା ଦେଇଥିଲା । ଫଳରେ ପଥଚାରୀ ଜଣକ ଗୁରୁତର ହୋଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବାରିପଦା ସ୍ଥିତ ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ତେବେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ମୃତକ ଜଣକ ବଡ଼ସାହି ଥାନା ବାଲିଯୋଡ଼ା ଅଞ୍ଚଳର ବଢେଇପାଳ ଗ୍ରାମର ଶରତ ଚନ୍ଦ୍ର ନାଏକ (୫୦) । ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବିରେ ସେଠାରେ ରାସ୍ତାରୋକ କରିବାକୁ ଉଦ୍ୟମ କରିଥିଲେ । ପରେ ପୁଲିସ ପହଞ୍ଚି ବୁଝାସୁଝା କରିବା ପରେ ରାସ୍ତାରୋକରୁ ଲୋକେ ନିବୃତ୍ତ ହୋଇଥିଲେ ।

# ଆନ୍ତଃବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ; ଟିମ୍ 'ସି' ବିଜୟୀ



**ବାରିପଦା, ୩୧।୩(ସମିସ):** ମଧୁବନ ମିନି ଷ୍ଟାଡିୟମ ପଡ଼ିଆରେ ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ତଥା ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସହଯୋଗରେ ଆୟୋଜିତ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୪ର୍ଥ ଦିନର ମ୍ୟାଚରେ ଟିମ-ସି ଟିମ-ଇ'କୁ ୬ ଉଇକେଟରେ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ଟିମ-ଇ ୩୦ ଓଭରରେ ୮ ଉଇକେଟ ହରାଇ ୨୦୨ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ସୁରଜିତ ଦେଓ ୪୦ ଓ ଅଂଶ ଅଗ୍ରୱାଲ ଏବଂ ଅବିନାଶ ଦାସ ୩୦ ରନ ଲେଖାଏଁ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ଦପ୍ତାଂଶୁ ରାଜ ବେହେରା ୩ ଟି ଉଇକେଟ ଅକ୍ତିଆର କରିଥିଲେ ।

ଜବାବରେ ଟିମ-ସି ୨୨.୧ ଓଭରରେ ୪ଟି ଉଇକେଟ ହରାଇ ୨୦୬ ରନ ସଂଗ୍ରହ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲେ । ଦଳ ପକ୍ଷରୁ ସୁରାଇ ହେମ୍ବ୍ରମ ୯୭ ଓ ଅଂଶୁମାନ ଗିରି ୪୬ କରିଥିଲେ । ଦିଲ୍ଲୀପ ଦାସ ଓ ଅମିତାଭ ପଟ୍ଟନାୟକ ଖେଳ ପରିଚାଳନା କରିଥିବାବେଳେ ସମ୍ବିତ ମହାରଣା ସ୍କୋରିଂରେ ସହାୟତା କରିଥିଲେ । ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ବରିଷ୍ଠ ସଭ୍ୟ ମଳୟ ମହାପାତ୍ର, ସାଧାରଣ ସମ୍ପାଦକ ବିଜୟ କୁମର ଦାସ ଓ କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର ପ୍ରମୁଖ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ ।

● ୧୧ତମ କରଞ୍ଜିଆ ମହୋତ୍ସବ ନେଇ ପ୍ରସ୍ତୁତି

# ଘୁମୁରା, ପାଇକ ଆଖଡ଼ାରେ ଦୁଲୁକିବ ମଞ୍ଚ

କରଞ୍ଜିଆ, ୩୧।୩(ସମିସ): ଆସନ୍ତା ୫ ତାରିଖରୁ ଏଗାରତମ କରଞ୍ଜିଆ ମହୋତ୍ସବ ଆରମ୍ଭ ହେବ । ଏଥିନିମନ୍ତେ କମିଟିର କାର୍ଯ୍ୟକାରୀ ସଭାପତି ତଥା କରଞ୍ଜିଆ ଓକିଲ ସଂଘ ସମ୍ପାଦପ ଦିବ୍ୟପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତେ ହୋଇଯାଇଛି । ପ୍ରଥମେ ଶ୍ରୀ ସାହୁଙ୍କୁ ଚଳିତ ଓକିଲ ସଂଘ ନିର୍ବାଚନରେ ସମ୍ପାଦକ ଭାବେ ଲଗାତାର ତୃତୀୟ ଥର ପାଇଁ ବିଜୟ ହୋଇଥିବାରୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ପରେ କୋଷାଧ୍ୟକ୍ଷ କର୍ଣ୍ଣାର୍ଜୁନ ସାହା କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥଲେ । ଚଳିତ ମହୋତ୍ସବରେ ବହୁ ଟେଲି ଅଭିନେତ୍ରୀ, ଅଭିନେତା, ହାସ୍ୟଅଭିନେତାଙ୍କ ସମେତ ଆସାମର ବିହୁ, ସମ୍ବଲପୁରର ଡାଲଖାଇ, ଘୁମୁରା, ପାଇକ ଆଖଡ଼ା, ପରମେଶ୍ୱର ଡ୍ୟାନ୍ସ ଗ୍ରୁପ ଓ ସ୍ଥାନୀୟ କଳାକାରମାନେ ସଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ସହମତି ପ୍ରଦାନ କରିଛନ୍ତି । ପ୍ରଥମ ଦିନ ମା" ଅମ୍ବିକା ମନ୍ଦିରରୁ ଏକ ବିରାଟ ପଟୁଆରରେ ମଶାଲ ଶୋଭାଯାତ୍ରା ହେବ ବୋଲି ନିଷ୍ପତ୍ତି ନିଆଯାଇଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜଗମୋହନ ମହନ୍ତ, ପିପୁନ କୁମର ସାହୁ, ସଞ୍ଜୟ କୁମାର ଅଗ୍ରୱାଲା, ବିଜୟ କୁମାର ବାରିକ, ନରେଶ ପୁଥାଲ୍, ସୁଲୁ ସାହୁ, କବିତା ମହାନ୍ତ, ଉମାଶଙ୍କର ଦାସ, ସୁରଜ ସିଂ, ରାଜା ବାବୁ, ବିକ୍ରମ ସାହା, ଶିବୁ ପେରିୱାଲ୍, ରାଜୁ ଭୂତ୍ ପ୍ରମୁଖ ନିଜର ମତ ଦେଇଥିଲେ । ଶେଷରେ ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ ।




ଏକାଦଶାହ ଉପଲକ୍ଷେ
ଶ୍ରଦ୍ଧାଞ୍ଜଳି



ସ୍ୱ ସୁଭାଷ ଚନ୍ଦ୍ର ପରିଡା
ଆବିର୍ଭାବ : ୨୨.୦୮.୧୯୪୭
ତିରୋଧାନ : ୨୨.୦୩.୨୦୨୪
ମନାପଡା, ଗୋପ, ପୁରୀ
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଶ୍ରୀ ଚରଣାବିନ୍ଦରେ ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ ।
-: ଶୋକସନ୍ତପ୍ତ :-
ପୁତ୍ର, ପୁତ୍ର ବଧୂ, ବନ୍ଧୁ ଓ ପରିବାରବର୍ଗ

# 'ସ୍ୱର୍ଣ୍ଣାକ୍ଷରା' ଲୋକାର୍ପିତ

**ବାରିପଦା, ୩୧।୩ (ସମିସ):** ଯୁବ କବୟିତ୍ରୀ ସୋନାଲିକା ଦାସଙ୍କ ପ୍ରଥମ କବିତା ସଂକଳନ 'ସ୍ୱର୍ଣ୍ଣାକ୍ଷରା' ରବିବାର ଲୋକାର୍ପିତ ହୋଇଛି । ମୟୂରଭଞ୍ଜ ଜିଲ୍ଲା କୋଷ୍ଟାର ବାପା ସ୍ୱରୂପାନନ୍ଦ ଦାସ ଓ ମା' ମମତା ଦାସଙ୍କ ସୁକନ୍ୟା ସୋନାଲିକା ଏକାଧାରରେ ଜଣେ କବି ଓ ଚିତ୍ରକର । କୋଷ୍ଟାଠାରେ +୨ ଶିକ୍ଷା ସମାପ୍ତି ପରେ ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକ




ଶିକ୍ଷା ଲାଭ କରିଛନ୍ତି । କବୟିତ୍ରୀଙ୍କ କବିତା ଓ ଚିତ୍ର ଉଭୟ ଜୀବନ ଦର୍ଶନକୁ ପ୍ରତିଫଳିତ କରିଥାଏ । ଜଣେ ଯୁବ କବୟିତ୍ରୀ ଭାବରେ ତାଙ୍କର କବିତାଗୁଡିକ ସମ୍ଭାବନା, ଜୀବନ ଦର୍ଶନ, ପ୍ରେମ, ପ୍ରଣୟ, ବିରହ ଓ ସର୍ବୋପରି ଜୀବନର ପ୍ରତିବିମ୍ବକୁ ନିଜର କବିତା ଗୁଡିକରେ ପ୍ରତିଫଳିତ କରିଛନ୍ତି । କବିତା ସ୍ୱତଃ ଏକ ଅବାରିତ ଧାରା, ତା ମଧ୍ୟରେ କବିଟିଏ ନିଜକୁ ହଜାଇ ଦେଇ ଜୀବନ ଦର୍ଶନର ସୂକ୍ଷ୍ମ ସୁତ୍ରକୁ ଆବିଷ୍କାର କରିଥାଏ । 'ସ୍ୱର୍ଣ୍ଣାକ୍ଷରା' ପାଠକୀୟ ଆଦୃତି ଲାଭ କରିବ ବୋଲି ପ୍ରକାଶକ ଆଶା ପ୍ରକାଶ କରିଛନ୍ତି ।






# ସାରସକଣାରେ ସୁଦାମଙ୍କ ପ୍ରଚାର; ବିପୁଳ ସମର୍ଥନ

ସାରସକଣା/ଜାମଶୋଳା, ୩୧।୩ (ସମିସ): ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାର ସାରସକଣା ଓ




ଝାରପୋଖରିଆରେ ରବିବାର ଅପରାହ୍ନରେ ବିଜୁଜନତା ଦଳର ମୟୂରଭଞ୍ଜ ସାଂସଦ ପ୍ରାର୍ଥୀ ସୁଦାମ ମାର୍ଣ୍ଡିଙ୍କୁ ବିପୁଳ ସ୍ୱାଗତ ଜଣାଇବା ସହିତ କର୍ମୀମାନେ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ଏହା ପରେ ସେ ପୋଖରଡିହା ଦିସମ ଜାହିରରେ ଅନୁଷ୍ଠିତ ବାହା ପର୍ବ ଯୋଗଦେଇଥିଲେ। ସଂଧ୍ୟା ସମୟରେ ଝାରପୋଖରିଆସ୍ଥିତ ବିଜେଡିର ଦଳୀୟ କାର୍ଯ୍ୟାଳୟରେ କର୍ମୀମାନେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ଏଠାରେ ମୟୂରଭଞ୍ଜ ସଦର ଆମ ଓଡ଼ିଶା ନବୀନ ଓଡ଼ିଶା ସଂଯୋଜକ ଅମରେନ୍ଦ୍ର କର, କୃଷି ନିଗମ ଅଧକ୍ଷ ଦେବାଶିଷ ମହାନ୍ତି, ସାରସକଣା ବ୍ଲକ ଅଧକ୍ଷା ତୁଳସୀ ସିଂ, ଜିଲ୍ଲା ପରିଷଦ ସଭ୍ୟା ମାନି ମାହାଲି (୫୫ ନଂ ଜୋନ୍ ) ଓ ମିତାରାଣୀ ନାଏକ (୫୬ ନଂ ଜୋନ୍), ସାରସକଣା ବ୍ଲକ ବିଜୁ ଜନତା ଦଳ ସଭାପତି ସମୀର ବେହେରା, ଜୋନ୍ ସଂଯୋଜକ ମାନସ କୁମାର ପାଣି, ଚିନ୍ମୟ କୁମାର ସାହୁ, ଛାତ୍ର ସଭାପତି, ଯୁବ ସଭାପତି, ମହିଳା ସଭାପତି ପ୍ରମୁଖ ଯୋଗଦେଇ ଶ୍ରୀ ମାର୍ଣ୍ଡିଙ୍କୁ ସ୍ୱାଗତ ଜଣାଇଥିଲେ। ଆଜି ଶ୍ରୀ ମାର୍ଣ୍ଡି ପହଞ୍ଚିବା ପରେ ଦଳୀୟ କର୍ମୀଙ୍କ ମଧ୍ୟରେ ନୂଆ ଉନ୍ମାଦନା ଦେଖିବାକୁ ମିଳିଥିଲା। ଏହି ଅବସରରେ ଶ୍ରୀ ମାର୍ଣ୍ଡି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଥିଲେ। ଏଥିସହିତ ବିକାଶ ପାଇଁ ଅନବରତ କାର୍ଯ୍ୟ କରୁଥିବାରୁ ମୁଖ୍ୟମନ୍ତ୍ରୀ ତାଙ୍କ ପ୍ରତି ଆସ୍ଥା ପ୍ରକଟ କରି ମୟୂରଭଞ୍ଜ ସାଂସଦ ପ୍ରାର୍ଥୀ କରିଛନ୍ତି ବୋଲି କହିଛନ୍ତି। ସାଧାରଣ ଲୋକଙ୍କ ସ୍ୱରକୁ ସଂସଦରେ ଉପସ୍ଥାପନ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ବିକାଶ ବାର୍ତ୍ତାକୁ ଘରେ ଘରେ ପହଞ୍ଚାଇବା ଲାଗି ସେ ଜନସାଧାରଣଙ୍କୁ କହିଥିଲେ। ମୟୂରଭଞ୍ଜ ଜିଲ୍ଲାବାସୀଙ୍କ ଆଶୀର୍ବାଦ ସୁନିଶ୍ଚିତ ଭାବେ ଆଗାମୀ ନର୍ବାଚନରେ ବିପୁଳ ମାତ୍ରାରେ ଭୋଟ ଦେଇ ସଂସଦଙ୍କୁ ପଠାଇବେ ବୋଲି ବିଶ୍ୱାସ ଓ ଭରସା ରହିଛି ବୋଲି ସେ କହିଛନ୍ତି।

## ରାଇରଙ୍ଗପୁର ଓକିଲ ସଂଘ ନିର୍ବାଚନ
# ପୁଣି ସଭାପତି ହେଲେ ଅକ୍ଷୟ ମହାନ୍ତି



ରାଇରଙ୍ଗପୁର, ୩୧।୩(ସମିସ): ବାମନଘାଟୀ ଉପଖଣ୍ଡ ରାଇରଙ୍ଗପୁର ଓକିଲ ସଂଘର ଚଳିତ ୨୦୨୪ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନରେ ସମୁଦାୟ ୨୩୬ ଜଣ ମତଦାନ କରିଥିଲେ। ଫଳାଫଳ ଘୋଷଣା ପରେ ୬ଷ୍ଠ ଥର ପାଇଁ ସଭାପତି ପଦବୀରେ ଅକ୍ଷୟ କୁମାର ମହାନ୍ତି ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ହରିଶ ଚନ୍ଦ୍ର ସାହୁ ଠାରୁ ୧୪୮ ଭୋଟରେ ବିଜୟ ହୋଇଛନ୍ତି। ସେହିପରି ଉପସଭାପତି ପଦବୀରେ ମାନଗୋବିନ୍ଦ ମହାନ୍ତ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦି ରାମଚନ୍ଦ୍ର ସାହୁଙ୍କଠାରୁ ୧୫୨ ଭୋଟରେ ବିଜୟ ହୋଇଥିଲେ। ସମ୍ପାଦକ ପଦବୀରେ ମନୋଜ କୁମାର ଦାସ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବୀର ମହାପାତ୍ରଙ୍କଠାରୁ ୧୧୨ ଭୋଟରେ ବିଜୟୀ ହୋଇଥିଲେ। ସହ ସମ୍ପାଦକ ପଦବୀରେ ବୈଜୟନ୍ତୀ ଦଳେଇ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ କିଶୋର ଚନ୍ଦ୍ର ମହାନ୍ତଙ୍କଠାରୁ ୮୫ ଭୋଟରେ ବିଜୟ ହୋଇଛନ୍ତି। ଯୁଗ୍ମ ସମ୍ପାଦକ ଭାବେ ହରେକୃଷ୍ଣ ମହାକୁଡ, କୋଷାଧ୍ୟକ୍ଷ ଭାବେ ଶିଶୁପଦ ମହାନ୍ତ, ସହଗ୍ରନ୍ଥାଗାରିକ ସମ୍ପାଦକ ଗୌରୀ ଶଙ୍କର ଦତ୍ତ ତଥା ୧୨ ଜଣ କାର୍ଯ୍ୟକାରୀ ସଦସ୍ୟଗଣ ମଧ୍ୟରୁ ୧୦ ଜଣ (ଭୋଳାନାଥ ମହାନ୍ତ, ସୋମନାଥ ମିଶ୍ର, ନିବେଦିତା ଗିରି, ଲକ୍ଷ୍ମଣ ମାର୍ଣ୍ଡି, ଜଗନ୍ନାଥ ମହାନ୍ତ, ବିଭୁଧେନ୍ଦ୍ର କୁମାର ଲେଙ୍କା, ଅମିତ କୁମାର ବୈଠା, ଭୂପେନ୍ଦ୍ର ଗିରି, ସୁଶାନ୍ତ କୁମାର ମହାନ୍ତ ଓ ନନ୍ଦରାଣୀ ହେମ୍ବ୍ରମ) ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀଭାବେ ରଘୁନାଥ ଦାସ ପରିଚାଳନା କରିଥିଲେ।

## ଚତୁର୍ଥ ବାର୍ଷିକ ଅଷ୍ଟପ୍ରହରୀ ନାମଯଜ୍ଞ



ମହୁଲଡିହା, ୩୧।୩(ସମିସ): ଠାକୁରମୁଣ୍ଡା ବ୍ଲକ ଅଧୀନ ସାତକୋଶିଆ ପଞ୍ଚାୟତ ଘୁଲୁଘୁଲିଆଠାରେ ଶ୍ରୀ ଶ୍ରୀ ନିତାଇ ଗୌରଙ୍କ ୪ର୍ଥ ବାର୍ଷିକ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ନାମ ଯଜ୍ଞ ଶାସ୍ତ୍ରମତାନୁଯାୟୀ ୨୭ ତାରିଖରେ ଅଧିବାସ ହୋଇ ଗଜେନ୍ଦ୍ର ପାଣିଗ୍ରାହୀ (ମଙ୍ଗଳପୁର, ଆଗରପଡ଼ା)ଙ୍କ ପୌରୋହିତ୍ୟରେ ଆରମ୍ଭ ହୋଇ ୨୯ ତାରିଖ ନଗର ଭ୍ରମଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭଦ୍ରକ, ଭାଲିଆଡାଳ ଗାୟତ୍ରୀ ପରିବାର, ବାଲିଘାଟ, କୋଇଲିପାଳ, ବାଗଦଫା, ଜାମୁନଣ୍ଡା, ବୁଢିକୁଦ, ତରାମରା, ଜାମୁବଣୀ ଓ ପୁରୁଣାପାଣି ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ଅଂଶ ଗ୍ରହଣ କରିଥିଲେ। ଏଥିରେ ଅତିଥି ଭାବେ ବାବା ଭୈରବାନନ୍ଦ ସରସ୍ୱତୀ (ଭୈରବ କୁଣ୍ଡ ବାଲିଘାଟ) ଓ ଓକିଲ କଳ୍ପନା ନାୟକ ଯୋଗ ଦେଇଥିଲେ। ବାବା ଗୌରୀନାଥ ମନ୍ଦିରର ପୂଜକ ପ୍ରହ୍ଲାଦ ପଣ୍ଡାଙ୍କ ପରିବାର ତଥା ବିଶ୍ୱ କଲ୍ୟାଣ ପାଇଁ ନାମଯଜ୍ଞର ଆୟୋଜନ କରିଥିବା ପ୍ରକାଶ। ଶ୍ରଦ୍ଧାଳୁଙ୍କ ନିମନ୍ତେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

## ତାଲୁକ ଆଇନ ସେବା ସମିତିର ସଚେତନତା ଶିବିର




ଉଦଳା, ୩୧।୩(ସମିସ): ଉଦଳା ତାଲୁକ ଆଇନ ସେବା ସମିତି ଦ୍ୱାରା ଉଦଳା କୋର୍ଟ ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଦିବାସୀ ହରିଜନ ନିଷ୍ଠୁରତା ନିବାରଣ ଆଇନ ଉପରେ ଉକ୍ତ ଶିବିରରେ ଆଲୋଚନା କରାଯାଇ ସମସ୍ତଙ୍କୁ ସଚେତନ କରାଯାଇଥିଲା। ବରିଷ୍ଠ ଦେୱାନୀ ବିଚାରପତି ତଥା ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ନିହାରରଞ୍ଜନ ଲେଙ୍କା ସଭାପତିତ୍ୱ କରି ଶିବିରର ଆଭିମୁଖ୍ୟ ଉପରେ ବକ୍ତବ୍ୟ ରଖିଥିଲେ। କନିଷ୍ଠ ଦେୱାନୀ ବିଚାରପତି ମୋନିତା ତ୍ରିପାଠୀ ଆଇନ ଉପରେ ଆଲୋକପାତ କରି ବର୍ତ୍ତମାନ ସମାଜରେ ଉକ୍ତ ଆଇନର ଗୁରୁତ୍ୱ ରହିଛି ବୋଲି ଦର୍ଶାଇଥିଲେ।

## ଉତ୍କଳ କରାଟେ ସ୍କୁଲର ତୃତୀୟ ବାର୍ଷିକ ଉତ୍ସବ




ବାରିପଦା, ୩୧।୩(ସମିସ): ପାଲବଣୀ ସ୍ଥିତ ଉତ୍କଳ କରାଟେ ସ୍କୁଲର ବାରିପଦା ଶାଖାର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୱାର୍ଡ କାଉନସିଲର ଦେବାଶିଷ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥି ଶ୍ରୀ ପାତ୍ର ଆଜିର ଦିବସରେ କରାଟେ ଖେଳର ଆବଶ୍ୟକତା ନେଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। କରାଟେ ଖେଳ ଦ୍ୱାରା ପିଲାମାନଙ୍କ ଉତ୍ତମ ଶାରୀରିକ ଗଠନ ସହ ସୁନ୍ଦର ସ୍ୱାସ୍ଥ୍ୟ ନେଇ ମତପ୍ରକାଶ କରିଥିଲେ। କରାଟେ ଖେଳି କିଭଳି ଭାବରେ ଜିଲ୍ଲା, ରାଜ୍ୟ, ଜାତୀୟସ୍ତରରେ କୃତୀ ଅର୍ଜନ କରି ମୟୂରଭଞ୍ଜ ଜିଲ୍ଲା ପାଇଁ ଗୌରବ ଆଣିଛି ସେ ନେଇ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅତିଥି ଶ୍ରୀ ପାତ୍ର ଉତ୍କଳ କରାଟେ ସ୍କୁଲର ଉଚ୍ଚ କୋଟିର ଖେଳ ପ୍ରଦର୍ଶନ କରି କୃତିତ୍ୱ ଅର୍ଜନ କରି ଖେଳାଳିଙ୍କୁ ପୁରସ୍କୃତ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ସମ୍ପାଦକ ଯଦୁନାଥ ନାୟକ, ପ୍ରଶିକ୍ଷକ ରୋନକ ପଟ୍ଟନାୟକ ଓ ପ୍ରଦୀପ ଦେ ପ୍ରମୁଖ ଉପସ୍ଥିତ ଥିଲେ।

## ଶିରିଡି ସାଇ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ବାର୍ଷିକ ଉତ୍ସବ
# ସଫଳତାର ଶୀର୍ଷରେ ପହଞ୍ଚାଏ କଠିନ ପରିଶ୍ରମ ଓ ଅଧ୍ୟବସାୟ

ବଡ଼ସାହି/ସାନକେରକୋ, ୩୧।୩ (ସମିସ): ବଡ଼ସାହି ବ୍ଲକ ଅଧୀନ ବୀରେଶ୍ୱରପୁର ପଞ୍ଚାୟତ ଶିରିଡି ସାଇ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ବସନ୍ତ କୁମାର ଦ୍ୱିବେଦୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ବରିଷ୍ଠ ଶିକ୍ଷାବିତ ଜଗଦୀଶ ମିଶ୍ର ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ନମ୍ର ଓ ଉତ୍ତମ ଚରିତ୍ରର ଅଧିକାରୀ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତାଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ବରିଷ୍ଠ ଶିକ୍ଷାବିତ ଭଗବାନ ବିଶ୍ୱାଳ ଯୋଗଦେଇ ଛାତ୍ରମାନଙ୍କୁ ଶୃଙ୍ଖଳିତ ଏବଂ ସ୍ୱାବଲମ୍ବୀ ହେବାକୁ ଉପଦେଶ ଦେଇଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶଙ୍କରଚନ୍ଦ୍ର ସିଂ କହିଥିଲେ ଯେ, କଠିନ ପରିଶ୍ରମ ଏବଂ ଅଧ୍ୟବସାୟୀ ବଳରେ ଛାତ୍ରଛାତ୍ରୀ ସଫଳତାର ଶୀର୍ଷରେ ପହଞ୍ଚି ପାରିବେ। ବୀରେଶ୍ୱରପୁର ସରପଞ୍ଚ ସନ୍ଧ୍ୟାରାଣୀ ନାଏକ ବିଦ୍ୟାଳୟର ଉନ୍ନତି କାମନା କରିବା ସଂଗେ ସଂଗେ ଉତ୍ତମ ଶିକ୍ଷାଲାଭ କରି ବିଦ୍ୟାଳୟ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କ ନାମ ଉଜ୍ଜ୍ୱଳ କରନ୍ତୁ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ତଥା ଉପଦେଷ୍ଟା ଅନିଲ ମୋହନ ଚାୱଡା ବିଦ୍ୟାଳୟର ପଞ୍ଚମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ଆଦର୍ଶ ବିଦ୍ୟାଳୟର ପ୍ରବେଶିକା ପରୀକ୍ଷାର କୃତିତ୍ୱ ଉପରେ ଖୁସି ବ୍ୟକ୍ତ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଗୀତାରାଣୀ ମହାକୁଡ଼ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦିକା ଶୁଭଲକ୍ଷ୍ମୀ ପତି



ବାର୍ଷିକ ବିବରଣୀ ପାଠ କରିଥିଲେ। ସେହିପରି ଆଦର୍ଶ ବିଦ୍ୟାଳୟର ପ୍ରବେଶିକା ପରୀକ୍ଷାରେ ୧୧ଜଣ ଅବତୀର୍ଣ୍ଣ ହୋଇଥିବାବେଳେ ତନ୍ମଧ୍ୟରୁ ପ୍ରଥମ ପର୍ଯ୍ୟାୟର ଶ୍ରେଷ୍ଠ ତାଲିକାରେ ୧୦ ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ଏହାପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ପରେ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ଶିକ୍ଷକ ବିଶ୍ୱଭୂଷଣ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଅବସରପ୍ରାପ୍ତ କର୍ମଚାରୀ ସଂଘର ତ୍ରୈମାସିକ ଅଧିବେଶନ

ବାଙ୍ଗିରିପୋଷି, ୩୧।୩(ସମିସ): ବାଙ୍ଗିରିପୋଷି ସ୍ଥିତ ଜ୍ୟୋତି ଶିଳ୍ପ ତାଲିମ କେନ୍ଦ୍ରରେ ୪୫ ଜଣ ଅବସରପ୍ରାପ୍ତ କର୍ମଚାରୀଙ୍କୁ ନେଇ ବରିଷ୍ଠ ନାଗରିକ ସଂଘର ତ୍ରୈମାସିକ ଅଧିବେଶନ ସଭାପତି ମନୋରଞ୍ଜନ ବେହେରାଙ୍କ ସ୍ଥାୟୀ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଂଘର ବରିଷ୍ଠ ସଦସ୍ୟ କୁଳମଣି ଗିରିଙ୍କୁ ନଗେନଚନ୍ଦ୍ର ସେଠୀଙ୍କ ଦ୍ୱାରା ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଥମେ ସଂଘର ବରିଷ୍ଠ ସଦସ୍ୟ ଭାସ୍କର ଚନ୍ଦ୍ର ସେଠୀ



ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ଜ୍ୱଳନ କରି ସଭାକୁ ଉଦଘାଟନ କରିଥିଲେ। ପ୍ରାରମ୍ଭରେ ସଂଘର ଦିବଙ୍ଗତ ସଦସ୍ୟ/ସଦସ୍ୟାଙ୍କ ସ୍ମୃତିରେ ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୧ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ୨୦ ଜଣ ସଦସ୍ୟଙ୍କ ଏକ କାଳୀନ ଜନ୍ମ ଦିବସ ଉପଲକ୍ଷେ ସେମାନଙ୍କ ନିରାମୟ ଜୀବନ କାମନା କରି ମ୍ରିନ୍ନ ବଣ୍ଟନ କରାଯାଇ ଚଳିତ ବର୍ଷ ୧୦ ଜଣ ନୂତନ ସଦସ୍ୟଙ୍କୁ ସ୍ୱାଗତ କରାଯାଇଥିଲା। ସଂଘର ସମସ୍ତ ବରିଷ୍ଠ ସଦସ୍ୟ ନିଜ ନିଜର ମତ ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ଅଭିମତ ପୋଷଣ କରିଥିଲେ। ସଂଘର ସମ୍ପାଦକ ବାଥ୍ଲାବଟ ପ୍ରତିହାରୀ ସଂଘର ବିବରଣୀ ପାଠ କରିଥିଲା ବେଳେ ଶେଷରେ ଜେନେରାଲ ସେକ୍ରେଟାରୀ ମହେନ୍ଦ୍ରନାଥ ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂସ୍କୃତି ମଣ୍ଡପ ପ୍ରତିଷ୍ଠା ଉତ୍ସବ

ରାଇରଙ୍ଗପୁର, ୩୧।୩(ସମିସ): ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକ ବେଲପୋଷି ସାର୍ବଜନୀନ ସଂକୀର୍ତ୍ତନ କମିଟି ତରଫରୁ ସଂସ୍କୃତି ମଣ୍ଡପ ପ୍ରତିଷ୍ଠା କାର୍ଯ୍ୟକ୍ରମ କରାଯିବା ସହ ଷୋହଳ ପ୍ରହର ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜାମଦା, ରାଞ୍ଚି, କାଳିକାପୁର, ପୁରୁଲିଆ, ମଲ୍ଲିକେଡମ ସଂକୀର୍ତ୍ତନ ଦଳ ଅଂଶ ଗ୍ରହଣ କରିଥିଲେ। ରାଇରଙ୍ଗପୁର ବିଧାୟକ, ବିଜୁ ଗୋପାଳ ଗୋପ, ଅସିତ୍ ମଣ୍ଡଳ ଯୋଗ ଦେଇ ପ୍ରଭୁଙ୍କୁ କଲ୍ୟାଣ ଭିକ୍ଷା କରିଥିଲେ। କାର୍ଯ୍ୟକ୍ରମରେ କମିଟି ସଭାପତି ଚନ୍ଦନ ପ୍ରଧାନ, ସମ୍ପାଦକ ଜନ୍ମେଜୟ ଜେନା, ପରେଶନାଥ ନନ୍ଦ, ନିରଞ୍ଜନ ଗୋପ, ମନ୍ମଥ ଗୋପ, ବିଜୟ କୁମାର ପାତ୍ର, ଲଳିତ ମୋହନ କବାଟ, ନରେନ୍ଦ୍ର ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ମୋ ଛୋଟ ସ୍କୁଲର ଦ୍ୱିତୀୟ ବାର୍ଷିକ ଉତ୍ସବ

ସାରସକଣା/ ଜାମଶୋଳା, ୩୧।୩(ସମିସ): ଶନିବାର ସାରସକଣା ବ୍ଲକ ଉମାଦେଇପୁର ପଞ୍ଚାୟତ କେଣ୍ଡୁମୁଣ୍ଡି ଗ୍ରାମସ୍ଥିତ ମୋ ଛୋଟ ସ୍କୁଲର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଅକ୍ଷୟ କୁମାର




ଦାଶଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆରମ୍ଭ ହେଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ସାରସକଣା ବ୍ଲକ ବିଇଓ ମଙ୍ଗଳ ଚରଣ ସିଂ, ମୁଖ୍ୟ ବ୍ୟକ୍ତା ରତିକାନ୍ତ ମହାନ୍ତ, ସମ୍ମାନିତ ଅତିଥି ମଳୟ କୁମାର ନାୟକ, ବିଶେଷ ଅତିଥିଭାବେ ଆଲୋକ କୁମାର ଶତପଥୀ, ପତଞ୍ଜଳି ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ମହାନ୍ତ ବିବରଣୀ ପାଠ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## କୁସୁନପୁର ଗୋଡାସାହିରେ ଚବିଶ ପ୍ରହର ନାମଯଜ୍ଞ



ଶୁକୃଲି, ୩୧।୩(ସମିସ): ମୟୂରଭଞ୍ଜ ଜିଲ୍ଲା ଶୁକୃଲି ବ୍ଲକ କୁସୁନପୁର ଗୋଡାସାହିରେ ଗତ ତିନି ଦିନ ଧରି ଚାଲିଥିବା ଚବିଶ ପ୍ରହର ନାମଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ନାମ ଯଜ୍ଞରେ ଦୀକୁ ବାଲକାଣ୍ଡ, ଝାରଖଣ୍ଡ, ବାଙ୍ଗିରିପୋଷି ନୂଆସାହି ମୟୂରଭଞ୍ଜ, ଟାଙ୍ଗରପଡ଼ା କେନ୍ଦୁଝର, ବିନିଦା କେନ୍ଦୁଝର, ଧାଡିଂବଣ କେନ୍ଦୁଝରର ସଂକୀର୍ତ୍ତନ ମଣ୍ଡଳୀ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

## ଉଦଳା ମଟର କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା
# ସାମାଜିକ, ଆର୍ଥିକ ସୁରକ୍ଷା ଓ ସମ୍ମାନ ପାଇଁ କାର୍ଯ୍ୟ କରିବ ସଂଘ

ଉଦଳା, ୩୧।୩(ସମିସ): ଉଦଳା ମଟର କର୍ମଚାରୀ ସଙ୍ଘର ନୂତନ କର୍ମକର୍ତ୍ତା ଚୟନ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଆଡଭୋକେଟ ବସନ୍ତ କୁମାର ପରିଡ଼ାଙ୍କ ପରିଚାଳନାରେ ଅନୁଷ୍ଠିତ ବୈଠକରେ ମୟୂରଭଞ୍ଜ ପରିବହନ କର୍ମଚାରୀ ସଙ୍ଘର ସଭାପତି ରଘୁନାଥ ପଣ୍ଡା, ବଣିକ ସଂଘ ସଭାପତି ରବୀନ୍ଦ୍ର ପରିଡ଼ା, ଉଦଳା ଘରୋଇ ବସ ମାଲିକ ସଂଘର ସମ୍ପାଦକ ହରପ୍ରସାଦ ଦାସ, ବରିଷ୍ଠ ସଦସ୍ୟ ସରୋଜ ସାମଲ ପ୍ରମୁଖ ମଞ୍ଚାସୀନ ଥିଲେ। ଦିବଂଗତ ସଦସ୍ୟ ତଥା ପୂର୍ବତନ ସଭାପତି ମହେଶ୍ୱର ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ନୂତନ କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷଣା କରିଥିଲେ ଆଡଭୋକେଟ ବସନ୍ତ କୁମାର ପରିଡ଼ା। ସଭାପତି ଭାବେ ଗୌରୀଶଙ୍କର ବେହେରା, ଉପସଭାପତି ଭାବେ ଅଜୟ କୁମାର ପାତ୍ର, ସାଧାରଣ ସମ୍ପାଦକ ଭାବେ ହରିଶ୍ଚନ୍ଦ୍ର ଦାସ, ଷ୍ଟାଣ୍ଡ ସମ୍ପାଦକ ଭାବେ ମନରଞ୍ଜନ ମହାନ୍ତି, ସହସମ୍ପାଦକ ଭାବେ ରାଜେନ୍ଦ୍ର ବିଶ୍ୱାଳ ଓ ଅମୂଲ୍ୟ ନାୟକ ଏବଂ କୋଷାଧ୍ୟକ୍ଷ ଭାବେ ସୋମନାଥ ବେହେରା ମନୋନୀତ ହୋଇଛନ୍ତି। ସେହିପରି ଆଇନ ପରାମର୍ଶଦାତା ଭାବେ ବସନ୍ତ କୁମାର ପରିଡ଼ା ଓ ଉପଦେଷ୍ଟା ଭାବେ ସାମ୍ବାଦିକ ସନ୍ତୋଷ ବାଛିନି ଓ ହିମାଦ୍ରୀ ଶେଖର ପାଲଙ୍କୁ ଚୟନ କରାଯାଇଛି। କାର୍ଯ୍ୟକାରୀ ସଦସ୍ୟ ଭାବେ ଭଗବାନ ବେହେରା, ଦିଲ୍ଲୀପ କୁମାର ରାଉତ, ରବୀନ୍ଦ୍ର ପରିଛା ଓ ଅଶୋକ କୁମାର ଭୂୟାଁ ମନୋନୀତ ହୋଇଛନ୍ତି। ଏହି ସଂଘର କାର୍ଯ୍ୟକାଳ ୩ ବର୍ଷ ଅବଧି ରହିଛି। ବୈଠକରେ ମଟର କର୍ମଚାରୀଙ୍କ ସୁବିଧା ଅସୁବିଧା ସମ୍ପର୍କରେ ବ୍ୟାପକ ଆଲୋଚନା ହୋଇଥିଲା। ପରିବହନ କର୍ମଚାରୀ ସଂଘର ସଭାପତି କର୍ମଚାରୀଙ୍କ ଗୁରୁତ୍ୱ ଓ ପରିବହନ ସେବା ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ଜିଲ୍ଲାର ଆଇନ ପରାମର୍ଶଦାତା ଆଡଭୋକେଟ ରବି ଗୋସ୍ୱାମୀ କର୍ମଚାରୀଙ୍କ ସମାଜିକ ସୁରକ୍ଷା, ଆର୍ଥିକ ସୁରକ୍ଷା ଓ ବୃତ୍ତିଗତ ସମ୍ମାନ ସମ୍ପର୍କରେ ଆଲୋଚନା କରିଥିଲେ। ଚାଳକ ଓ କର୍ମଚାରୀଙ୍କୁ ଆଇନ ବ୍ୟବସ୍ଥା, ଟ୍ରାଫିକ ନିୟମ, ସ୍ୱାସ୍ଥ୍ୟ ପରୀକ୍ଷା ଓ ନିଶାମୁକ୍ତ କରିବାକୁ ବ୍ୟାପକ ସଚେତନତା କରିବାକୁ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘ ପକ୍ଷରୁ କାବୁଲି ବାରିକ, କମଳା କାନ୍ତ ରଣା, ଟ୍ୟାକ୍ସି ସଂଘର ସଭାପତି ସୁକାନ୍ତ ମହାନ୍ତି, ଅଟୋ ସଂଘର ସଭାପତି ଲକ୍ଷ୍ମଣ ମହାପାତ୍ର ପ୍ରମୁଖ



## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ରାଇରଙ୍ଗପୁର, ୩୧।୩(ସମିସ): ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଶ୍ୟାମସୁନ୍ଦର ଗାଁ ନିକଟ ରବିବାର ସକାଳେ ସ୍ଥାନୀୟ ଲୋକେ ଏକ ଗଛରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଦେଖି ପୁଲିସକୁ ସୂଚନା ଦେଇଥିଲେ। ଏହା ପରେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ମୃତ ଯୁବକ ଜଣକ ହେଉଛନ୍ତି ନୂଆଗାଁ ବାସିନ୍ଦା ମହେଶ ହେମ୍ବ୍ରମ। ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ଡାକ୍ତରଖାନାକୁ ପଠାଇ ଅଧିକ ତଦନ୍ତ କରୁଛି।

## ସନ୍ତୋଷ ନନ୍ଦ ଜାମଦା ବ୍ଲକ୍ କଂଗ୍ରେସ ସଭାପତି

ଜାମଦା, ୩୧।୩(ସମିସ): ସନ୍ତୋଷ କୁମାର ନନ୍ଦ ଜାମଦା ବ୍ଲକ କଂଗ୍ରେସର ସଭାପତିଭାବେ ନିଯୁକ୍ତ ହୋଇଛନ୍ତି। ତାଙ୍କୁ ଏହି ପଦ ମିଳିବା ପରେ ପୂର୍ବତନ ବିଧାୟକ ଲକ୍ଷ୍ମଣ ମାଝୀ, ଶ୍ୟାମଚରଣ ହାଁସଦା, ମୟୂରଭଞ୍ଜ ଜିଲ୍ଲା ଉପସଭାନେତ୍ରୀ ହେଲେନା ବାଗେ, ସାଧାରଣ ସମ୍ପାଦକ ଭଜହରି ମହାନ୍ତ, ଯୁବ କଂଗ୍ରେସ ସଭାପତି ଦୀପଙ୍କର ମହାନ୍ତି, ଜାମଦା ବ୍ଲକ କଂଗ୍ରେସ ଉପଦେଷ୍ଟା ଏମଡି ଆବିଦ, ଉପସଭାପତି ମାନସିଂ ସୋରେନ, ଅର୍ଜୁନ ସାହୁ, ଫାଗୁ ରାମ ସୋରେନ, ରେନସ ବିରୁଆ, ଦୀନକୃଷ୍ଣ ସୋରେନ, ଏମଡି କାମାଲ ପ୍ରମୁଖ ବହୁ ଦଳୀୟ କର୍ମକର୍ତ୍ତା ସ୍ୱାଗତ କରିଥିଲେ।

ସକାଳ
THE SAKALA



### ଜବରଦଖଲକାରୀଙ୍କ କବ୍‌ଜାରେ ଗୋଚର ଜମି

# ଚାରଣ ଭୂଇଁ ଅଭାବରୁ ବିପଦରେ ପ୍ରାଣୀ ସମ୍ପଦ

**କେନ୍ଦୁଝର, ୩୧।୩(ସମିସ)**



କେନ୍ଦୁଝର ଜିଲ୍ଲା ଏକ କୃଷିପ୍ରଧାନ ଜିଲ୍ଲା। ପାହାଡ, ଜଙ୍ଗଲ, ନଦ, ନଦୀ, ଚାରଣ ଭୂଇଁରେ ପରିପୂର୍ଣ୍ଣ ଥିବା କେନ୍ଦୁଝର ଜିଲ୍ଲାରେ ଏକଦା ଗୋସମ୍ପଦ ମୁଖ୍ୟଭୂମିକା ନିଭାଇ ଆସୁଥିଲେ। ପରିବର୍ତ୍ତିତ ପରିସ୍ଥିତିରେ ଏହି ପଶୁ ସମ୍ପଦ ପ୍ରତି ଲୋକଙ୍କର ସ୍ଥାଣୁତା ଯୋଗୁଁ ଗୋ ସମ୍ପଦ ହ୍ରାସ ପାଉଥିବାବେଳେ ଆବଶ୍ୟକ ଚାରଣଭୂଇଁ ଦିନକୁ ଦିନ ନିଅଣ୍ଟ ହେବାରେ ଲାଗିଛି। ଜମି ମାଫିଆମାନେ ବେପରୁଆ ଭାବେ ଗୋଚର ଜମକୁ ନିଜ ଦଖଲକୁ ନେଇ ଧ୍ୱଂସ କରୁଥିବା ଯୋଗୁଁ ଜିଲାରେ ପଶୁସମ୍ପଦ ପାଇଁ ସଂକଟ ଦେଖା ଦେଇଥିବା ଲକ୍ଷ୍ୟ କରାଯାଉଛି। ଯାହାକି ଆଗାମୀ ଦିନରେ ଗୃହପାଳିତ ପଶୁମାନଙ୍କ ପାଇଁ ବିପଦକୁ ଆମନ୍ତ୍ରଣ କରୁଥିବା ଗୃହପାଳିତ ପଶୁ ସମ୍ପଦ ଉପରେ ନିର୍ଭରଶୀଳ ଲୋକେ ମତବ୍ୟକ୍ତ ହୋଇଛି। ସାରା କେନ୍ଦୁଝର ସହର ଓ ଏହାର ଆଖପାଖ ଅଞ୍ଚଳରେ ଥିବା ଶହ ଶହ ଏକର ଗୋଚର ଜମି ଏବେ ଜବର ଦଖଲକାରୀଙ୍କ କବ୍‌ଜାରେ ରହିଛି। ପ୍ରଶାସନ ଗୋଚର ଜମିକୁ ଜବରଦଖଲମୁକ୍ତ କରୁନଥିବା କାରଣରୁ ଗୋରୁଗାଈମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବା ପଶୁପାଳକମାନେ ଅଭିଯୋଗ କରୁଛନ୍ତି। ଦିନକୁ ଦିନ ଚାଷ ଜମି ଓ ଗୋଚର ଜମିରେ କୃତ୍ରିମ ନିର୍ମାଣମାନ ବୃଦ୍ଧି ପାଇ ଚାଲିଛି। ଅନେକ ସ୍ଥାନରେ ପୂର୍ବରୁ ଥିବା ଗୋଚର ଜମିଗୁଡିକ ଜବରଦଖଲକାରୀଙ୍କ କବ୍‌ଜାକୁ ଚାଲି ଯାଇଥିବା କାରଣରୁ ନୂତନ ପୀଢିର ଲୋକମାନେ କେଉଁ ଅଞ୍ଚଳଟି ଗୋଚର ଜମି ତାହା ମଧ୍ୟ ଜାଣିବାର ସୁଯୋଗ ପାଉନାହାଁନ୍ତି। ଯଦିବା କେଉଁଠାରେ ଲୋକେ ଏହା ଜାଣୁଛନ୍ତି, ସମ୍ପୃକ୍ତ ଅଞ୍ଚଳର ଗୋଚରଜମିକୁ ଜବର ଦଖଲମୁକ୍ତ କରିବା ପାଇଁ ପ୍ରଶାସନର ଦ୍ୱାରସ୍ଥ ହେଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ଜବରଦଖଲକାରୀଙ୍କ ପାଇଁ ଏହା ସୁବର୍ଣ୍ଣ ସୁଯୋଗ ସୃଷ୍ଟି କରୁଛି। ଲୋକେ ପାଳୁଥିବା ଗାଈଗୋରୁ, ମଇଁଷି, ଛେଳି, ମେଣ୍ଢା ଆଦି ଚରିବା ପାଇଁ ଆଦୌ ଜମି ନାହିଁ। ଏହି କାରଣରୁ କେତେକ ସ୍ଥାନରେ ଗୃହପାଳିତ ପଶୁଗୁଡିକ ଅନ୍ୟମାନଙ୍କର ଚାଷ ଜମିରେ ଚରିବାକୁ ବାଧ୍ୟ ହେଉଛନ୍ତି। ଏହାକୁ ନେଇ ଅନେକ ସମୟରେ ଜମି ମାଲିକ ଚାଷୀ ଓ ପଶୁପାଳକମାନଙ୍କ ମଧ୍ୟରେ ବିବାଦ ଲାଗି ରହିବା ଘଟଣା ମଧ୍ୟ କମ୍ ନୁହେଁ। କାହିଁ କେଉଁ ଅମଳରୁ ପଶୁମାନଙ୍କ ପାଇଁ ସହର ଏବଂ ସହର ନିକଟବର୍ତ୍ତୀ ଗ୍ରାମମାନଙ୍କରେ ଶହ ଶହ ଏକର ଗୋଚର ଜମି ରଖାଯାଇଥିଲା। କିନ୍ତୁ କେଉଁ ଅଞ୍ଚଳରେ କେତେ ଗୋଚର ଜମି ଅଛି ତାହା କେବେ ମଧ୍ୟ ଚିହ୍ନିତ କରାଯାଇନାହିଁ। ଏହାର ସୁଯୋଗରେ ଜବର ଦଖଲକାରୀମାନେ ଗୋଚର ଜମିରେ ଘରଦ୍ୱାର, ଦୋକାନ ବଜାର, ବ୍ୟବସାୟ ପ୍ରତିଷ୍ଠାନ କରି ନିଜର ମୁନାଫା କମାଇ ଚାଲିଛନ୍ତି। ଜିଲ୍ଲାରୁ ପ୍ରତ୍ୟେକ ବର୍ଷ ଗୋସମ୍ପଦ କମି କମି ଯାଉଥିବାବେଳେ ପଶୁସମ୍ପଦ ବିଭାଗ ପକ୍ଷରୁ ଗୋସମ୍ପଦ ବୃଦ୍ଧି ପାଇଁ ଆନ୍ତରିକତା ରହୁନଥିବାରୁ ଅନେକ ଲୋକ ଗାଈ ଗୋରୁ ରଖୁନଥିବା ଜଣାପଡ଼ିଛି। ଅନେକ ଲୋକ ଗୋସମ୍ପଦର ରକ୍ଷଣାବେକ୍ଷଣ ତଥା ଚିକିତ୍ସା ନିମନ୍ତେ ଘୋର ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଗୋରୁଗାଈ ରଖିବାକୁ ଆଗ୍ରହ ପ୍ରକାଶ କରୁନଥିବା ଜଣାପଡ଼ିଛି। କେନ୍ଦୁଝର ଜିଲାରେ ଗୋ-ସମ୍ପଦ ହ୍ରାସର ମୁଖ୍ୟ କାରଣ ପର୍ଯ୍ୟାପ୍ତ ପରିମାଣର ଚାରଣ ଭୂମିର ଅଭାବ ଓ ଚିକିତ୍ସାରେ ଅବହେଳା ବୋଲି ମତପ୍ରକାଶ ପାଇଛି।

ପ୍ରାପ୍ତ ସୂଚନା ଅନୁସାରେ ୨୦୦୮ ମସିହା ଗଣନା ଅନୁଯାୟୀ କେନ୍ଦୁଝର ଜିଲ୍ଲାରେ ୬ ଲକ୍ଷ ୮୨ହଜାର ୬୪୫ଟି ଗାଈ, ୧୮୧୪୭ଟି ମଇଁଷି, ୧୦୭୯୨୮ଟି ମେଣ୍ଢା, ୫ଲକ୍ଷ ୧୨ହଜାର ୩୫୬ଟି ଛେଳି, ୧୨୫୫୨ଟି ଘୁଷୁରୀ ଏବଂ ୧୩ଲକ୍ଷ ୧୦ହଜାର ୫୭୬ଟି କୁକୁଡା ରହିଥିଲେ। ସେହିପରି ୨୦୧୨ ମସିହା ପଶୁ ଗଣନା ଅନୁସାରେ ୬ଲକ୍ଷ ୩୫ହଜାର ୯୯୦ଟି ଗାଈ, ୧୩୨୧୫ଟି ମଇଁଷି, ୯୦୯୭୪ଟି ମେଣ୍ଢା, ୫ଲକ୍ଷ ୪୩ହଜାର ୬୦୦ଟି ଛେଳି, ୧୦୧୭୯ଟି ଘୁଷୁରି ଏବଂ ୧୨ଲକ୍ଷ ୪୨ହଜାର ୩୧୮ଟି କୁକୁଡା ଥିଲେ। ତେବେ ୨୦୨୧ ମସିହା ବେଳକୁ ବହୁମାତ୍ରାରେ ପଶୁସମ୍ପଦ ହ୍ରାସ ପାଇଥିବା ଜଣାପଡ଼ିଛି। ଏବେ ଗୃହପାଳିତ ପଶୁ ସଂଖ୍ୟା ଢେର କମି ଗଲାଣି। ତାର ମୂଳ କାରଣ ହେଉଛି ଗୋଚର ଜମିର ଘୋର ଅଭାବ। ଅନ୍ୟପକ୍ଷରେ ଗୃହପାଳିତ ପଶୁ ଚାଷ କରି ନିଜର ପରିବାର ପ୍ରତିପୋଷଣ କରୁଥିବା ଲୋକେ ମଧ୍ୟ ସେମାନଙ୍କର ଗୁଜୁରାଣ ମେଣ୍ଟାଇବାରେ ଅସମର୍ଥ ହେଉଛନ୍ତି। ସମୟ ଥିଲା ଜିଲ୍ଲାରୁ ହଜାର ହଜାର ଲିଟର ଦୁଗ୍ଧ ଉପାଠଦନ ହେଉଥିଲା। ବର୍ତ୍ତମାନ ଆଉ ସେତିକି ଗୋରୁଗାଈ ନାହାନ୍ତି। କାରଣ ଗ୍ରାମାଞ୍ଚଳରେ ଆଉ ଗାଈଗୋରୁ ପାଇଁ ଘାସ ମୁଠାଏ ମଧ୍ୟ ପାଇବା କଷ୍ଟକର ବ୍ୟାପାର ହେଲାଣି। ରାଜସ୍ୱ ବିଭାଗ ଗୋଚର ଜମି ଜବର ଦଖଲକାରୀଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେଉ ନଥିବା କାରଣରୁ ଜବରଦଖଲକାରୀଙ୍କ ସଂଖ୍ୟା ବଢ଼ିବଢ଼ି ଚାଲିଛି। ଏହି କାରଣରୁ ସହରରେ ପାଳନ କରାଯାଉଥିବା ଗୋରୁଗାଈଗୁଡିକ ଗୋଚର ଜମି ନପାଇ ସହରାଞ୍ଚଳରେ ଘୁରି ବୁଲୁଥିବା ଦେଖିବାକୁ ମିଳୁଛି। ଜିଲ୍ଲା ପ୍ରଶାସନ କେନ୍ଦୁଝର ଜିଲାର ବିଭିନ୍ନ ରାଜସ୍ୱ ସର୍କଲଗୁଡିକରେ ଥିବା ଗୋଚର ଜମିକୁ ଚିହ୍ନଟ କରି ଗୋସମ୍ପଦ ରକ୍ଷା ନିମନ୍ତେ ଗୋଚରଜମି ଗୁଡିକୁ ଜବରଦଖଲ ମୁକ୍ତ ଦିଗରେ ବିହୀତ ପଦକ୍ଷେପ ନେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

## ସ୍କୁଲ୍ ନୂତନ ଶ୍ରେଣୀ ଗୃହ ଫାଟିଲା



**ସୋସୋ, ୩୧।୩(ସମିସ):** ହାଟଡିହୀ ବ୍ଲକର ବିଭିନ୍ନ ଉନ୍ନୟନ କାର୍ଯ୍ୟ ସଠିକ୍ ଭାବରେ ଓ ଯନ୍ତ୍ରୀଙ୍କ ତଦାରଖରେ ହେଉନଥିବାରୁ କାମର ମାନ ରହୁନାହିଁ। ଯାହାକି ବିଭିନ୍ନ କାର୍ଯ୍ୟ ଓ ପକ୍କା ଗୃହ ଅଳ୍ପ ଦିନରେ ନଷ୍ଟ ହେଉଥିବା ଦେଖିବାକୁ ମିଳୁଛି। ସରକାରୀ ଅନୁଦାନର କାର୍ଯ୍ୟକୁ ଯନ୍ତ୍ରୀ ଓ ଠିକାଦାର ମଧ୍ୟରେ ସଲାସୁତରା ହେଉଥିବା ନେଇ ଚର୍ଚ୍ଚା ହେଉଛି। ଯାହାର ଉଦାହରଣ ଧର୍ମୁଜୟପୁର ଉଚ୍ଚ ବିଦ୍ୟାଳୟ। ଏହି ବିଦ୍ୟାଳୟର ନୂତନ ଶ୍ରେଣୀ ଗୃହ ଏକ ବର୍ଷ ତଳେ ନିର୍ମିତ ହୋଇଥିଲା। କିନ୍ତୁ ଗୃହଟି ଏଷ୍ଟିମେଟ୍ ଅନୁଯାଇ ସଠିକ ଭାବରେ କାର୍ଯ୍ୟ ହୋଇନଥିବାରୁ ୩ଟି ଗୃହର ବିଭିନ୍ନ ସ୍ଥାନ ଏବେ ଫାଟି ପ୍ଲାଷ୍ଟର ଖସିବା ଆରମ୍ଭ କଲାଣି। ଘର ନିର୍ମାଣ ସମୟରେ ପିଲର୍ ଗାତ ଠିକ୍ ଭାବରେ ଖୋଳାଯାଇ ମଜବୁତ୍ କରାଯାଇନଥିବାରୁ ଏଭଳି ଫାଟୁଥିବା କୁହାଯାଉଛି। ବିଭାଗ ପ୍ରଶାସନ ଏଥିପ୍ରତି ତଦନ୍ତ କରି କେଉଁଥି ପାଇଁ ଗୃହଟି ଫାଟିଛି ତାର ସମୀକ୍ଷା କରି ଯନ୍ତ୍ରୀ ଓ ଠିକାଦାରଙ୍କ ଉପରେ ପଦକ୍ଷେପ ନେବାକୁ ଦାବି ହୋଇଛି।

## ୨୦ଲିଟର ମହୁଲି ମଦ ଜବତ; ଜଣେ ଗିରଫ

**ବାଲିବନ୍ଧ, ୩୧।୩ (ସମିସ):** କେନ୍ଦୁଝର ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଝୁମ୍ପୁରା ପୁଲିସ୍ ପକ୍ଷରୁ କଡାକଡି ଯାଞ୍ଚ କରିବା ସହିତ ବିଭିନ୍ନ ଅଂଚଳରେ ଚଢାଉ ଜାରି ରହିଛି। ତେବେ ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଏକ ସୁସ୍ଥ ବାତାବରଣ ସୃଷ୍ଟି କରିବା ପାଇଁ କଡାକଡି ଯାଞ୍ଚ ପ୍ରକ୍ରିୟା ଜାରି ରହିଥିବା ପୁଲିସ ପକ୍ଷରୁ ସୂଚନା ରହିଛି। ଝୁମ୍ପୁରା ପୁଲିସ ପକ୍ଷରୁ ଥାନା ଅଧିକାରିଣୀ ସମବାରୀ ହାଁସଦାଃଙ୍କ ନେତୃତ୍ୱରେ ଗଠିତ ଏକ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରି ପୁରୁଣା ଅଭିଯୁକ୍ତ ତଥା ମଦ ବେପାରୀମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଉଛି। ତେବେ ଝୁମ୍ପୁରା ଥାନା ଅଞ୍ଚଳ ବାଲିପଶି ଗ୍ରାମ ପଲେଇସାହିରେ ଚଢ଼ଉ କରି ଭୋଳାନାଥ ପଲେଇଙ୍କ ସ୍ତ୍ରୀ ପ୍ରତିମା ପଲେଇ ଙ୍କ ଠାରୁ ୨୦ଲିଟର ମହୁଲି ମଦ ଜବତ କରାଯାଇଛି। ସେହିପରି ଝୁମ୍ପୁରା ପଞ୍ଚାୟତ ଶ୍ରୀରାମପୁର ଗ୍ରାମରେ ଚଢାଉ କରି ମହୁଲି ପଚ ନଷ୍ଟ କରିବା ସହିତ ମହୁଲି ପ୍ରସ୍ତୁତ ନିମନ୍ତେ ବ୍ୟବହାର ବଡ ବଡ ସିଲଭର ହାଣ୍ଡି ଏବଂ ଆବଶ୍ୟକିୟ ସାମଗ୍ରୀ ସବୁ ଜବତ କରାଯାଇଛି। ସେହିପରି ଶନିବାର ରାତି ବାଲିବନ୍ଧ ଗ୍ରାମରେ ଚଢ଼ଉ କରି ଡକାୟତ ମାମଲାରେ ସମ୍ପୃକ୍ତ ଥିବା ପୁରୁଣା ଅଭିଯୁକ୍ତ ସନ୍ତୋଷ ଆପଟଙ୍କ ପୁଅ ଅଭିଶେକ ଆପଟ (୨୪ବର୍ଷ) କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେହିପରି ବାଇକ ଚାଳକଙ୍କ ହେଲମେଣ୍ଟ, ବେନିୟମ ଗାଡି ପାର୍କିଂ, ଭାରୀଯାନ ଚଳାଚଳ, ମଦ୍ୟପାନ କରି ଗାଡି ଚାଳନା, ଚାରି ଚକିଆ ଯାନ, ସିଟ୍ ବେଲଟ୍ ଯାଞ୍ଚ କରାଯାଇଥିବା ପୁଲିସ ପକ୍ଷରୁ ସୂଚନା ରହିଛି।

## ସାମ୍ବାଦିକଙ୍କ ପରଲୋକ



**ଆନନ୍ଦପୁର, ୩୧।୩(ସମିସ):** ଆନନ୍ଦପୁର ପୌରାଞ୍ଚଳ ୧୩ନଂ ୱାର୍ଡ ଜନାର୍ଦ୍ଦନପୁର ଶାସନ ନିବାସୀ ସାମ୍ବାଦିକ ଗୌରହରି ମିଶ୍ରଙ୍କର ୬୫ ବର୍ଷରେ ପରଲୋକ ହୋଇଯାଇଛି। ଗତ କିଛି ଦିନ ହେବ ବୃକକଜନୀତ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ଆଜି ଅପରାହ୍ନ ୩ ଘଟିକା ସମୟରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ତାଙ୍କର ବିୟୋଗ ହୋଇଥିବା ଜଣାଯାଇଛି। ସେ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଗବେଷଣା କେନ୍ଦ୍ର ଆନନ୍ଦପୁର ଶାଖାର ତତ୍ତ୍ୱାବଧାରକ ଭାବେ ଦୀର୍ଘଦିନ ଧରି ଦାୟିତ୍ୱ ନିର୍ବାହ କରିଥିଲେ। ସନ୍ଧ୍ୟାରେ ତାଙ୍କ ପାରଠଥବ ଶରୀର ଜନାର୍ଦ୍ଦନପୁରସ୍ଥିତ ବାସଭବନରେ ପହଞ୍ଚିବା ପରେ ବହୁମାନ୍ୟଗଣ୍ୟ ବ୍ୟକ୍ତି, ରାଜନୈତିକ ନେତୃବୃନ୍ଦ ଓ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ହୋଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ମୃତ୍ୟୁବେଳକୁ ପାଖରେ ପତ୍ନୀ, ପୁଅ ଅଭିଜିତ ମିଶ୍ର, ଅରିଜିତ ଓ ସିଙ୍କୁ ସମେତ ଆତ୍ମୀୟସୋଜନ ମାନେ ଉପସ୍ଥିତ ଥିଲେ।

## ସାମ୍ବାଦିକଙ୍କ ପିତୃ ବିୟୋଗ

**ଆନନ୍ଦପୁର, ୩୧।୩(ସମିସ):** ଆନନ୍ଦପୁରର ବରିଷ୍ଠ ସାମ୍ବାଦିକ ତଥା ପ୍ରେସ୍‌କ୍ଲବର ସମ୍ପାଦକ ସନ୍ତୋଷ କୁମାର ରାଉତଙ୍କ ପିତା କୁଳମଣୀ ରାଉତ (୯୬)ଙ୍କର ନିଜ ବାସଭବନ ଠାରେ ବିୟୋଗ ଘଟିଛି। ଗତ



କିଛିଦିନ ହେଲା ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ସ୍ୱର୍ଗତ କୁଳମଣୀ ଜଣେ ସନାତନ ଧର୍ମୀ ବ୍ୟକ୍ତି ଥିବା ବେଳେ ବିଭିନ୍ନ ଧାର୍ମିକ ଅନୁଷ୍ଠାନ ସହିତ ମଧ୍ୟ ଜଡ଼ିତ ଥିଲେ। ଏହି ଦୁଃଖଦ ଘଟଣାରେ ଆନନ୍ଦପୁର ପ୍ରେସ୍ ପରିଷଦ ସହ ବିଭିନ୍ନ ସାମ୍ବାଦିକ ଅନୁଷ୍ଠାନ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ଭାନୁମତୀ, ପୁଅ ସୁବାସ, ପରେଶ, ସନ୍ତୋଷ, ବୋହୂ ସୁଭଦ୍ରା, ଅନ୍ନପୂର୍ଣ୍ଣା, ସନ୍ଧ୍ୟା, ପୁତୁରା ଦିଲ୍ଲୀପ୍, ସୁଦିପ୍, ଦେବାଶିଷ, ତାନୁଶୀ ସୁକୁମାରୀ, ଶ୍ରୀୟା, ଶ୍ରୁତିଙ୍କ ସମେତ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ପୁତ୍ର ସୁବାସ ମୁଖାଗ୍ନି ଦେଇଥିବାର ଜଣାଯାଇଛି।

## ମା'ମଙ୍ଗଳାଙ୍କ ଯଜ୍ଞ ଉତ୍ସବ ପ୍ରସ୍ତୁତି ବୈଠକ

ସୋସୋ, ୩୧।୩(ସମିସ): ହାଟଡିହି ବ୍ଲକ ବାଲିବରେଇ ପଞ୍ଚାୟତ ନୂଆଗାଁ ଗ୍ରାମର ମା' ମଙ୍ଗଳାଙ୍କର ୧୦ମ ବାର୍ଷିକ ଯଜ୍ଞୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବିଶ୍ୱଜିତ ରାଉତ, ସନ୍ତୋଷ ମୁଦୁଲି, ଅଶୋକ ରାଉତ, ନଟବର ମଲ୍ଲିକ, ଘନଶ୍ୟାମ ସେଠୀ, ବଟକୃଷ୍ଣ ମୁଦୁଲୀ, ସଚିଦାନନ୍ଦ ପଟ୍ଟନାୟକ, ଜଗନ୍ନାଥ ଭୂୟାଁ, ମନ୍ମଥ ମୁଦୁଲୀ, ଗୌରାଙ୍ଗ ଚରଣ ରାଉତ, ପିତାମ୍ବର ପଣ୍ଡା, ନିରଞ୍ଜନ ରାଉତ, ଶରତ ପରିଡ଼ା ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ବୈଠକ ହୋଇଥିଲା। ବୈଠକରେଆସନ୍ତା ୭ ତାରିଖ ରବିବାରଦିନ ଶୁଭାଧିବାସ, ଅଙ୍କୁରାରୋପଣ, କଳସ ଶୋଭାଯାତ୍ରା, ମଣ୍ଡଳ ପୂଜା, ଅଗ୍ନି ସ୍ଥାପନ କାର୍ଯ୍ୟକ୍ରମ ଥିବାବେଳେ, ୮ ତାରିଖରେ ସୂର୍ଯ୍ୟପୂଜା, ପଞ୍ଚ ନାରାୟଣ ପୂଜା, ଗୀତା ପାଠ, ୯ ତାରିଖରେ ସୂର୍ଯ୍ୟପୂଜା, ମଙ୍ଗଳା ଓଷା, ମା'ଙ୍କର ଷୋଡ଼ଷ ଉପଚାର ପୂଜା, ଚଣ୍ଡୀ ପାଠ, ପୂର୍ଣ୍ଣାହୁତି ଇତ୍ୟାଦି କାର୍ଯ୍ୟକ୍ରମ ହେବାକୁ ଥିବାବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରବଚନ ସୁନୀଲ ବାବା ପୁରୀ, ଭଜନ ସନ୍ଧ୍ୟା ସୁଧାକର ମିଶ୍ର ଗ୍ରୁପ୍ କଟକ, ବିଡିଏସ ଡ୍ୟାନ୍ସ ଗ୍ରୁପ୍ ଯାଜପୁର ଯୋଗଦାନ କରିବେ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ଲକ୍ଷ୍ମୀ ମନ୍ଦିର ପ୍ରତିଷ୍ଠାରେ ଯୋଗଦେଲେ ବାବା ବଳିଆ



**ସୋସୋ, ୩୧।୩(ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକର ଶାଳଣୀଆଁ ଗ୍ରାମର ଶ୍ରୀଜଗନ୍ନାଥଙ୍କ ମନ୍ଦିର ପ୍ରାଙ୍ଗଣରେ ମା' ଲକ୍ଷ୍ମୀ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। କର୍ତ୍ତା ଭାବେ ବିନୋଦ ବେହେରା ଓ ତାଙ୍କ ଧର୍ମପତ୍ନୀ ସ୍ୱର୍ଣ୍ଣପ୍ରଭା ବେହେରା ଦାୟିତ୍ୱ ତୁଲାଇଥିବାବେଳେ ପୂଜକ ନାରାୟଣ ଦ୍ୱିବେଦୀ, ପଣ୍ଡିତ ପଦ୍ମନାଭ ପଣ୍ଡା, ଶଶିକାନ୍ତ ମିଶ୍ର, ଧରଣୀଧର ଦ୍ୱିବେଦୀ, କାର୍ତ୍ତୀକେଶ୍ୱର ଦ୍ୱିବେଦୀ, ଭାସ୍କର ଦ୍ୱିବେଦୀ, ଗଣେଶ୍ୱର ଦ୍ୱିବେଦୀ, ପିତାମ୍ବର କରଙ୍କ ଦ୍ୱାରା ରିତିନୀତି ଅନୁଯାୟୀ ପୂଜାପାଠକରି ମା'ଲକ୍ଷ୍ମୀଙ୍କର ବିଗ୍ରହ ସ୍ଥାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମାଜ ସଂସ୍କାରକ ପଦ୍ମଶ୍ରୀ ବାବା ବଳିଆ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶହଶହ ଭକ୍ତ ଓ ଗ୍ରାମବାସୀ ଉପସ୍ଥିତ ରହି ମା' ଲକ୍ଷ୍ମୀଙ୍କର ଆଶ୍ରୀର୍ବାଦ ନେଇଥିଲେ। ଏଥିରେ ଶ୍ରୀ ଜଗନ୍ନାଥ ଓ ଲକ୍ଷ୍ମୀ ମନ୍ଦିର ପରିଚାଳନା କମିଟିର ସଦସ୍ୟମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## କୋଲିମାଟି ବିଦ୍ୟାଳୟରେ ବିଦାୟ କାଳୀନ ସମ୍ବର୍ଦ୍ଧନା



**ଆନନ୍ଦପୁର, ୩୧।୩(ସମିସ):** ଆନନ୍ଦପୁର ବ୍ଲକର କୋଲିମାଟି ସ୍ୱପ୍ନେଶ୍ୱର ଆଦିବାସୀ ଉଚ୍ଚ ବିଦାୟଳୟର କନିଷ୍ଠ କାର୍ଯ୍ୟାଳୟ ସହକାରୀ ଯୁଗଳ କିଶୋର ବାରିକଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ ବିଦ୍ୟାଳୟର ପ୍ରଧାନ ଶିଖ୍ୟକ ନିରଞ୍ଜନ ଦାଶଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଆନନ୍ଦପୁର ଶିକ୍ଷା ଅଧିକାରୀ ଅଜିତ କୁମାର ବାରିକ, ମୁଖ୍ୟବ୍ୟକ୍ତା ଚଳଚିତ୍ର ଅଭିନେତା ପ୍ରଦ୍ୟୁମ୍ନ କୁମାର ଲେଙ୍କା, ବରେଣ୍ୟ ଅତିଥି ଦମୟନ୍ତି ନାଏକ ସରପଞ୍ଚ କୋଲିମାଟି ଗ୍ରାମପଞ୍ଚାୟତ ସମ୍ମାନୀୟ ଅତିଥି ଏବିଓ ଆନନ୍ଦପୁର ଅତୁଲ୍ କୁମାର ବଳ, ସିଆରସିସି କୋଲିମାଟି ଭରତ ଚନ୍ଦ୍ର ପାତ୍ର, ଉପଦେଷ୍ଟା ନିରାକାର ନାଏକ, ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଚନ୍ଦ୍ରମଣି ନାଏକ, ଅନ୍ୟତମ ଅତିଥି ଭାବେ ତପନକୁମାର ଚକ୍ର, ବିନୟଭୂଷଣ ମିଶ୍ର, ଶତ୍ରୁଘ୍ନ ସାହୁ, ଅଭିମନ୍ୟୁ ସାହୁ ପ୍ରମୁଖ ଯୋଗାଦେଇଥିଲେ। ତ୍ରିଲୋଚନ ସାହୁ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ତପନ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସମସ୍ତେ ବିଦାୟ କନିଷ୍ଠ କାର୍ଯ୍ୟାଳୟ ସହକାରୀ ଯୁଗଳ କିଶୋର ବାରିକଙ୍କୁ ମାନପତ୍ର ଓ ବିଭିନ୍ନ ବିଦ୍ୟାଳୟର ଶିକ୍ଷକମାନେ ଉପଢୌକନ ପ୍ରଦାନ କରିଥିଲେ। ପରେ ଶ୍ରୀ ବାରିକଙ୍କୁ କୋଲିମାଟି ଗ୍ରାମ ପରିଭ୍ରମଣ କରିବା ସହ ତାଙ୍କ ନିଜ ବାସଭବନରେ ବିଦାୟ ଦେଇଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ନିରଞ୍ଜନ ଦାଶ ପରିଚାଳନା କରିଥିଲେ। ପୁରାତନ ଛାତ୍ର ଦେବାଶିଷ ରଣା ଓ ଦିଲୀପ କୁମାର ନାଏକ ତଥା ସମସ୍ତ ପୁରାତନ ଛାତ୍ର ସହଯୋଗ କରିଥିଲେ।

## ହାଟଡ଼ିହୀ କଲେଜର ୧୯୮୯ବ୍ୟାଚ୍ ବନ୍ଧୁମିଳନ



**ହାଟଡ଼ିହୀ, ୩୧।୩(ସମିସ):** କେନ୍ଦୁଝର ଜିଲ୍ଲା ହାଟଡ଼ିହୀ କଲେଜର ୧୯୮୯ବ୍ୟାଚ୍ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ରବିବାର ଅଣା ଧ୍ୱନୀମଠ ପ୍ରାଙ୍ଗଣରେ ହାଟଡିହୀ ଆଞ୍ଚଳିକ ମହାବିଦ୍ୟାଳୟର ୧୯୮୯ ବ୍ୟାଚର ବନ୍ଧୁମିଳନ ଉତ୍ସବ ପାଳନ ହୋଇଯାଇଛି। କାର୍ଯ୍ୟକ୍ରମଟି ଚନ୍ଦ୍ରଶେଖର ମଲ୍ଲିକ, ସୁକାନ୍ତି ପରିଡ଼ା ଓ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ ହୋଇଥିଲା ବେଳେ ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସସ୍ମିତା ନାୟକ(କ), ନିନି, ମଞ୍ଜୁ, ମମତା ଆଇଚ, ଆରତୀ ଜେନା, ଭାରତୀ, ତପସ୍ୱିନୀ ସାମଲ, କୁନ୍ତଳା ନାୟକ(କ), କୁନ୍ତଳା(ଖ), ଅହଲ୍ୟା ରାଜ, ତିଳୋତ୍ତମା ପହି, ତିଳୋତ୍ତମା ନନ୍ଦ, ନିରୁପମା ଜେନା, ସସ୍ମିତା ନାୟକ(ଖ), ସାବିତ୍ରୀ ନାୟକ, ରାଧା, ବିନୟମଞ୍ଜରୀ ରାଉତ, ମଞ୍ଜୁ ମିଶ୍ର, ଶାନ୍ତି ରାଉତ, ଶରତ ଶାସିନୀ, ମଧୁସୂଦନ ନାୟକ, ରାଧା ପତି, ମଧୁସୂଦନ ଜେନା, ହରେକୃଷ୍ଣ ବେହେରା, ଚତୁର୍ଭୁଜ ବେହେରା, ଜଜ, ବନମାଳୀ ସାହୁ, ଦୁଶାସନ ସାହୁ, ଜ୍ୟୋତିବ୍ରତ ସ୍ୱାଇଁ, ରବୀନ୍ଦ୍ର ସାହୁ, ରବୀନ୍ଦ୍ର କୁମାର ସାହୁ, ସଂଗ୍ରାମ ନାୟକ, ଶଶଧର ରାଉତ, ସୁଶାନ୍ତ ଜେନା, ମଧୁ ଜେନା, ମଦନ ବିଶ୍ୱାଳ, ଦେବେନ୍ଦ୍ର ସା, ଭରତ ନାଇକ, ବିଘ୍ନରାଜ ଜେନା, ଉମାକାନ୍ତ ଜେନା, ଗଙ୍ଗାଧର ବେହେରା, ଆର୍ତ୍ତତ୍ରାଣ ସାହୁ, ଅଶୋକ କୁମାର ଜେନା, ଦେବେନ୍ଦ୍ର ମଲ୍ଲିକ, ବିଦୁ ରାଉତ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ବନ୍ଧୁମିଳନ ଉତ୍ସବଟି ପ୍ରଥମ ଥର ଆୟୋଜିତ ହୋଇଥିଲା ବେଳେ ଏହାକୁ ଆସନ୍ତାବର୍ଷ ଖୁବ୍ ଆଡ଼ମ୍ବରରେ ପାଳନ କରିବାକୁ ସମସ୍ତ ବନ୍ଧୁମାନଙ୍କ ମଧ୍ୟରେ ସ୍ଥିରୀକୃତ ହୋଇଛି।

## କଇଣ୍ଡାରେ ଚବିଶ ପ୍ରହର ନାମଯଜ୍ଞ



**ତୁରୁମୁଙ୍ଗା, ୩୧।୩(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ କଇଣ୍ଡା ଗ୍ରାମରେ ୪ ଦିନ ଧରି ଚାଲିଥିବା ଚବିଶ ପ୍ରବର ନାମଯଜ୍ଞ ରବିବାର ଅପରାହ୍ନରେ ଉଦଯାପିତ ହୋଇଯାଇଛି। ଏହି ନାମଯଜ୍ଞରେ ମୟୂରଭଞ୍ଜର ପଥୁରି, ବେଲବରେଇ, ଜାମୁସୁକଳି ଏବଂ ଭଣ୍ଡ ଗାଁ କୀର୍ତ୍ତନ ଦଳ ଯୋଗଦେଇ ନାମ ସଂକୀର୍ତ୍ତନ କରିଥିଲେ। ପୂଜକ ଭାବରେ ବାପି ପଣ୍ଡା ପୂଜାକାର୍ଯ୍ୟ ତୁଲାଇ ଥିବାବେଳେ କର୍ତ୍ତା ଭାବରେ ସୁରେଶ ଚନ୍ଦ୍ର ସାହୁ ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ। କଇଣ୍ଡା ଗ୍ରାମର କୀର୍ତ୍ତନ କମିଟିର କୀର୍ତ୍ତନ ବିହାରୀ ସାହୁ, ବିଜୟ ଦେହୁରୀ, ପ୍ରମୋଦ ବେହେରା, ରୋଇତ ବେହେରା ଅନିଲ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଶେଷ ରାତ୍ରିରେ କେନ୍ଦୁଝର ବିଜେଡି ସାଂସଦ ପ୍ରାର୍ଥୀ ଅନନ୍ତ ନାଏକ, ବିଜେପି ଜିଲ୍ଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା, ପାଟଣା ବିଜେଡି ବିଧାୟକ ପ୍ରାର୍ଥୀ ଜଗନ୍ନାଥ ପ୍ରମୂଖ ଯୋଗଦେଇ ଆଶିଷ ଲାଭ କରିଥିଲେ। ଶେଷ ଦିନରେ ପୂର୍ବତନ ପାଟଣା ବିଧାୟକ ହୃଷୀକେଶ ନାଏକ ଯୋଗଦେଇ ଆଶିଷ ଲାଭ କରିଥିଲେ। ୪ ଦିନ ଧରି ନାମ ସଂକ୍ରିତନ ଚାଲିଥିବାରୁ ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିବା ବେଳେ ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ହରି ନାମ ଶୁଣିଥିଲେ।

## ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଉଦ୍‌ଯାପିତ

**ରାମଚନ୍ଦ୍ରପୁର, ୩୧।୩(ସମିସ)**



ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ପକ୍ଷରୁ କେନ୍ଦୁଝର ଜିଲ୍ଲା ଅଳତି ମା'କଲ୍ୟାଣ ମଣ୍ଡପ ପରିସରରେ ତିନି ଦିନ ଧରି ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଏବଂ ସଂସ୍କାର ମହୋତ୍ସବ ଅନୁଷ୍ଠିତ ହୋଇଛି। ଘସିପୁରା ବ୍ଲକ ସଂଯୋଜକ ପ୍ରମୋଦ କୁମାର ବରାଳଙ୍କ ପ୍ରତ୍ୟକ୍ଷ ସଂଯୋଜନାରେ ଶୁକ୍ରବାର ସକାଳ ୯ ଘଟିକା ସମୟରେ ଧର୍ମଧ୍ୱଜା ଉତ୍ତୋଳନ ପରେ ଗାୟତ୍ରୀ ଯଜ୍ଞର ଭବ୍ୟ କଳସ ଯାତ୍ରା ଆରମ୍ଭ ହୋଇଥିଲା। କଳସ ଯାତ୍ରାରେ ଶତାଧିକ ମହିଳା ଶ୍ରଦ୍ଧାଳୁ ସାମିଲ ହୋଇ ମୁଣ୍ଡରେ କଳସ ଧାରଣ କରି ଗାଁ ପୁଷ୍କରିଣୀ କୂଳରେ ପୂଜାର୍ଚ୍ଚନା ପରେ ବରୁଣ ଦେବତାଙ୍କୁ ଆହ୍ୱାନ କରି ଯଜ୍ଞବେଦୀ ନିକଟକୁ ପାଛୋଟି ଆଣିଥିଲେ। କଳସ ଶୋଭାଯାତ୍ରାକୁ ଶଙ୍ଖ, ହୁଳାହୁଳି, ନାମ ସଂକୀର୍ତ୍ତନ ସହ ଆଦିବାସୀ ନୃତ୍ୟରେ ସ୍ୱାଗତ କରାଯାଇଥିଲା। ସଂଧ୍ୟାରେ ଶାନ୍ତିକୁଞ୍ଜ ହରିଦ୍ୱାରରୁ ଆସିଥିବା ଭଉଣୀ କଳ୍ପନା ତ୍ରିପାଠୀ ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟଙ୍କ ଦିବ୍ୟ ସନ୍ଦେଶ ପ୍ରଦାନ କରିଥିଲେ। ତହି ପରଦିନ ଗାୟତ୍ରୀଯଜ୍ଞ ଏବଂ ସଂସ୍କାର ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ହଜାର ହଜାର ଶ୍ରଦ୍ଧାଳୁ ଯଜ୍ଞୋତ୍ସବରେ ସାମିଲ ହୋଇଥିଲେ। ସଂଧ୍ୟାରେ ଏକ ହଜାର ଆଠ ଦୀପ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଶେଷ ଦିବସରେ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପର୍ଣ୍ଣ କରାଯାଇ ଯଜ୍ଞୋତ୍ସବକୁ ସମାପନ କରାଯାଇଥିଲା। ଏହି ଯଜ୍ଞଉତ୍ସବରେ ସ୍ଥାନିୟ ବିଧାୟକ ବଦ୍ରିନାରାୟଣ ପାତ୍ର, ସମେତ ସ୍ଥାନୀୟ ବସନ୍ତମଞ୍ଜରୀ ସେବା ସଂଗଠନର ଟ୍ରଷ୍ଟି ସମାଜସେବୀ ଡ.ରତିକାନ୍ତ ବରାଳ, କେନ୍ଦୁଝର ଜିଲ୍ଲା ଗାୟତ୍ରୀ ପରିବାର ଜିଲ୍ଲା ସଂଯୋଜକ ରମେଶଚନ୍ଦ୍ର ମିଶ୍ର ଅନେକ ପ୍ରଜ୍ଞାପରିଜନ ଯୋଗଦେଇ ଗାୟତ୍ରୀ ଯଜ୍ଞର ସାରସ୍ୱତ୍ୱ ବିଷୟରେ ଜ୍ଞାନ ଆହରଣ କରିଥିଲେ।

# ଥମୁନି ହାତୀ ଉପଦ୍ରବ; ବନ ବିଭାଗ ନିରବ

ମୋରଡ଼ା, ୩୧।୩(ସମିସ): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ରେଞ୍ଜରେ ବର୍ଷତମାମ ହାତୀ ଉପଦ୍ରବ ଲାଗିରହିଛି। କେତେବେଳେ ହାତୀପଲ ଜନବସତି ମୁହାଁ ହୋଇ ଘର ଭାଙ୍ଗୁଛନ୍ତି ତ ପୁଣି କେତେବେଳେ ବ୍ୟାପକ ଚାଷ ନଷ୍ଟ କରୁଛନ୍ତି। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ହାତୀଙ୍କ ଚଳପ୍ରଚଳ ଉପରେ ନଜର ରଖିବା ଓ ହାତୀଙ୍କୁ ଘଉଡ଼ାଇବା ସହ ଗ୍ରାମବାସୀଙ୍କୁ ହାତୀ



କବଳରୁ ସୁରକ୍ଷା ଦେବା ପାଇଁ ଏଲିଫ୍ୟାଣ୍ଟ ସ୍କ୍ୱାଡ୍ ଗଠନ ହୋଇନାହିଁ। ଫଳରେ ଅଞ୍ଚଳର ଅନେକ ଧନଜୀବନ ନଷ୍ଟ ହେଉଥିବାବେଳେ ନିରବଦ୍ରଷ୍ଟା ସାଜିଛି ବନ ବିଭାଗ। ସୂଚନା ମୁତାବକ, ସାରୁମୂଳା ଗ୍ରାମର ହୁପା ମାର୍ଣ୍ଡି, ଧନେଶ୍ୱର ପାତ୍ର, ରାଜେନ୍ଦ୍ର ପାତ୍ର, ବଦ୍ରା ମାର୍ଣ୍ଡି, ସାମଲ ମାହାଲି, ଛୋଟା ମୁର୍ମୁ, ଭାନୁ ମାହାଲିଙ୍କ ଧାନ ଫସଲ ନଷ୍ଟ କରିଛନ୍ତି ହାତୀପଲ। ସେହିପରି ଉକ୍ତ ଗ୍ରାମର ଗିରୀଶ ପାତ୍ର ସମେତ ଅନ୍ୟ ଜଣଙ୍କ ମଧ୍ୟ ଘର ଘର ଭାଙ୍ଗିଥିବା ସୂଚନା ଦେଇଛନ୍ତି ରେଞ୍ଜର ଘନଶ୍ୟାମ ସିଂ। ତେବେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଏକର ପିଛା କୋଡିଏ ହଜାର ଟଙ୍କାର ସହାୟତା ମିଳୁଥିବା ବେଳେ ବର୍ତ୍ତମାନ ଅନଲାଇନ ସାଇଟ ଅସୁବିଧା ଯୋଗୁଁ ଆବେଦନ କରି ହେଉନାହିଁ। ସେହିପରି ୬୪ଟି ଝାଡ଼ଖଣ୍ଡୀ ହାତୀ ମହୁଲିଆ ଏବଂ ୨୧ଟି ଶିମିଳିପାଳ ହାତୀ ସାରୁମୂଳା ଜଙ୍ଗଲରେ ଅଛନ୍ତି ବୋଲି ସୂଚନା ଦେଇଛନ୍ତି ଶ୍ରୀ ସିଂ।

# କୁଟାଗଦାରୁ ନବଜାତ ଶିଶୁକନ୍ୟା ଉଦ୍ଧାର

ଜାମଦା, ୩୧।୩(ସମିସ): ବାମନଘାଟୀ ଉପଖଣ୍ଡ ଜାମଦା-ରୁମାପାହାଡ଼ି ରାସ୍ତାର ଏକ ବିଲ ମଝିରୁ ଦୁଇ ମାସର ଏକ ଶିଶୁ କନ୍ୟାକୁ ଉଦ୍ଧାର କରିଛନ୍ତି ଗ୍ରାମବାସୀ। ସୂଚନା ମୁତାବକ, ସନ୍ଧ୍ୟା ୫ଟାରେ ଜାମଦା-ରୁମାପାହାଡ଼ି ରାସ୍ତାର ୧୦୦ ମିଟର ଦୂରରେରେ ଥିବା ଏକ କୁଟା ଗଦା ଭିତରେ ଜଣେ ଅପରିଚିତ ମହିଳା କିଛି ରଖି ଫେରୁଥିବାବେଳେ ଜଣେ ଚାଷୀ ଦେଖିଥିଲେ। ଏ ନେଇ ଉକ୍ତ ଚାଷୀଙ୍କ ସନ୍ଦେହ ହେବାରୁ କୁଟାଗଦା ନିକଟରେ ପହଞ୍ଚିଥିଲେ। ପରେ ସେ କୁଟା ଗଦା ଭିତରେ ଶିଶୁ କନ୍ୟାକୁ ଦେଖିବାକୁ ପାଇଥିଲେ। ସେତେବେଳକୁ ମହିଳା ଜଣକ ଏକ ଟେମ୍ପୋ ଯୋଗେ ସେଠାରୁ ପଳାଇଯାଇଥିଲେ। ପରେ ସେ ତୁରନ୍ତ ଏ ନେଇ ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମବାସୀ ସେଠାରେ ପହଞ୍ଚି ଜାମଦା ଥାନା ପୁଲିସକୁ ଜଣାଇଥିଲେ। ଜାମଦା ଓଆଇସି ଅନିତା ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ରୁମାପାହାଡ଼ି ଏବଂ ଜାମଦା ଆଶା କର୍ମୀ ଏବଂ ଜାମଦା ଓ ରୁମାପହଡ଼ି ଗ୍ରାମବାସୀଙ୍କ ଉପସ୍ଥିତିରେ ଶିଶୁକନ୍ୟାକୁ ଉଦ୍ଧାର କରିଥିଲେ। ଉଦ୍ଧାର ପରେ ଶିଶୁକନ୍ୟାର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଆଶା କର୍ମୀମାନେ ରାଇରଙ୍ଗପୁର ମେଡିକାଲକୁ ନେଇଥିଲେ। ପରେ ସେଠାରୁ ବାରିପଦା ମେଡିକାଲକୁ ନେବେ ବୋଲି ସୂଚନା ମିଳିଛି। ଶିଶୁ କନ୍ୟାକୁ ଉଦ୍ଧାର ବେଳେ ଜାମଦା ସରପଞ୍ଚ ମାଳତୀ କିସ୍କୁ, ବୈଦ୍ୟନାଥ କିସ୍କୁ, ସଚିଦ୍ରାନଥ ମହାନ୍ତ, ବାବୁଲୁ ବେହେରା, ଅନିଲ କଳାଃ, ଶିବଶଙ୍କର ବେହେରା, ରାମଚନ୍ଦ୍ର ମାର୍ଣ୍ଡି, ସଲମା ସ୍ୱାଗତିକା କିସ୍କୁ, ଭଞ୍ଜ ମହାକୁଡ ସମେତ ବହୁ ବାସିନ୍ଦା ଉପସ୍ଥିତ ଥିଲେ।

# ଇ-ନାମ୍ ମଣ୍ଡିରେ ତରଭୁଜ ବିକି ଚାଷୀ ଲାଭବାନ

ବେତନଟୀ/ବୈଶିଙ୍ଗା, ୩୧।୩(ସମିସ): ସମବାୟ ବିଭାଗ ଦ୍ୱାରା ପରିଚାଳିତ ଇ-ନାମ (ଜାତୀୟ କୃଷି ବଜାର) ମାର୍ଫତରେ ତରଭୁଜ ବିକ୍ରିକରି ବେଶ୍ ଲାଭବାନ ହୋଇଛନ୍ତି କଦଳିଆର ଚାଷୀ ଜୟରାମ ପାଢ଼ୀ। ବେତନଟୀ ନିୟନ୍ତ୍ରିତ ବଜାର କମିଟି (ଆରଏମସି)ର ଇ-ନାମ ମଣ୍ଡି ମାଧ୍ୟମରେ ଚାଷୀ ୨୧୯ ପ୍ରକାର କୃଷିଜାତ ଦ୍ରବ୍ୟର ବିକ୍ରିବଟା କରିବା ନେଇ ବ୍ୟବସ୍ଥା ରହିଛି। ଏହି ପରିପ୍ରେକ୍ଷୀରେ କଦଳିଆ ଗ୍ରାମର ଚାଷୀ ଜୟରାମ ପାଢ଼ୀ ତରଭୁଜ କିଲୋ ପିଛା ୧୧ଟଙ୍କାରେ ୧୮ କୁଇଣ୍ଟାଲ ବିକ୍ରିକରି ୧୯ହଜାର ୮ଶହ ଟଙ୍କା ରୋଜଗାର କରିଛନ୍ତି। ବଜାର ମୂଲ୍ୟ ଠାରୁ ଅଧିକ ଦରରେ ବିକ୍ରି କରିଥିବା ସେ ପ୍ରକାଶ କରିଛନ୍ତି। ଜୟରାମଙ୍କ କୃଷିଜାତ ଦ୍ରବ୍ୟକୁ ଉଦଳା ଇ-ନାମ ମଣ୍ଡିର ବ୍ୟବସାୟୀ ଇ-ନାମ ପୋର୍ଟାଲ ମାଧ୍ୟମରେ ଆବେଦନ ତଥା ପଞ୍ଜୀକରଣ କରାଇ ଆନ୍ତଃରାଜ୍ୟ ପ୍ରକ୍ରିୟାରେ ଖରିଦ କରିଛନ୍ତି। ଚାଷୀ ଶ୍ରୀ ପାଢ଼ୀ ମଧ୍ୟ ଇ-ନାମ ମଣ୍ଡି ମାଧ୍ୟମରେ ବିକ୍ରିକରି ଅଧିକ ରୋଜଗାର କରିଥିବାରୁ ଖୁସିବ୍ୟକ୍ତ କରିବା ସହିତ ଅନ୍ୟମାନଙ୍କୁ ମଧ୍ୟ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ବେତନଟୀ ନିୟନ୍ତ୍ରିତ ବଜାର କମିଟି ଇ-ନାମ ମଣ୍ଡିର ବିଶ୍ଳେଷକ ଅମିତ କୁମାର ବେରା, ଡାଟାଏଣ୍ଟ୍ରି ଅପରେଟର ଶାନ୍ତନୁ କୁମାର ସାହୁ, ଉଦଳା ଇ-ନାମ ମଣ୍ଡିର ବିଶ୍ଳେଷକ ବିନିତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ସଦାନନ୍ଦ ମାର୍ଣ୍ଡି ପ୍ରତ୍ୟକ୍ଷ ଭାବରେ ଉପସ୍ଥିତ ରହି ପରିଚାଳନା ଦାୟିତ୍ୱ ତୁଲାଇଥିଲେ।




# ନିର୍ବାଚନ ପାଇଁ 'ସୁବିଧା' ଆପ୍‌ର ତାଲିମ କାର୍ଯ୍ୟକ୍ରମ

ଆନନ୍ଦପୁର, ୩୧।୩(ସମିସ)



ଆସନ୍ତା ୨୦୨୪ ସାଧାରଣ ନିର୍ବାଚନ ପାଇଁ ସରକାରଙ୍କ ପକ୍ଷରୁ ଦିଆଯାଇଥିବା 'ସୁବିଧା' ଆପ୍‌ର ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆନନ୍ଦପୁର ଉପଜିଲ୍ଲାପାଳଙ୍କ ସଭାଗୃହରେ ଉପଜିଲ୍ଲାପାଳ ଫାଲଗୁନୀ ମାଝୀଙ୍କ ତତ୍ତ୍ୱାବଧାନରେ ଏହି ଆପ୍‌ର ବ୍ୟବହାରିକ ଶୈଳୀ ସମ୍ପର୍କରେ ତାଲିମ ଦିଆଯାଇଥିଲା। ସାଧାରଣ ନିର୍ବାଚନ ପାଇଁ ପ୍ରାର୍ଥୀମାନଙ୍କର ଆବଶ୍ୟକୀୟ ସମସ୍ତ ସୂଚନା ବିବରଣୀ ଆବେଦନପତ୍ର, ପ୍ରଶାସନିକ ଅନୁମତିପତ୍ର ଅନଲାଇନରେ 'ସୁବିଧା' ଆପ୍ ଜରିଆରେ ସଂଗ୍ରହ କରିପାରିବେ ବୋଲି ଏହି ବୈଠକରେ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଓ ଏଜେଣ୍ଟମାନଙ୍କୁ ସୂଚନା ଦିଆଯାଇଥିଲା। ଏହି ସୁବିଧା ଆପ୍‌ରେ ରାଜନୈତିକ ଦଳର ନେତାମାନଙ୍କ ପାଇଁ ହେଲିକେପ୍ଟର ଓ ହେଲିପ୍ୟାଡ୍, ମାଇକ୍, ସାଉଣ୍ଡ ଅନୁମତି, ସାଧାରଣ ସଭା, ପଥପ୍ରାନ୍ତ ସଭା, ଶୋଭାଯାତ୍ରା, ବାଇକ୍ ଶୋଭାଯାତ୍ରା, ବ୍ୟାନର, ହୋର୍ଡିଂ ଅନୁମତି ଯାନବାହନ ଅନୁମତି, ଦଳୀୟ କର୍ମୀମାନେ ବ୍ୟବହାର କରିବାକୁ ଥିବା ୪ ଚକିଆ ଗାଡି, ଜିଲା କିମ୍ବା ରାଜ୍ୟସ୍ତରର ନେତୃବୃନ୍ଦଙ୍କ ସଭାସମିତି ପାଇଁ ଆବଶ୍ୟକୀୟ ଅନୁମତି ଅନ୍‌ଲାଇନ ଯୋଗେ ଆବେଦନ କରାଯାଇପାରିବ ବୋଲି ସୂଚନା ଦିଆଯାଇଥିଲା। ଏହି ବୈଠକରେ ଭାରତୀୟ ଜାତୀୟ କଂଗ୍ରେସ ନେତା ଶ୍ରୀଧର ଦଳେଇ, ହାଡିବନ୍ଧୁ ଖୁଣ୍ଟିଆ, ତାରିଣୀ ପ୍ରସାଦ ପଟ୍ଟନାୟକ, ବିଜୁ ଜନତା ଦଳର ରମାକାନ୍ତ ବେହେରା, ଭାରତୀୟ ଜନତା ପାର୍ଟିରୁ ରାମଚନ୍ଦ୍ର ସାହୁଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦମାନେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହନ କରିଥିଲେ।

## ଗ୍ରାମଦେବତୀଙ୍କ ଆଶୀର୍ବାଦ ନେଲେ ଜଗନ୍ନାଥ



ତୁରୁମୁଙ୍ଗା, ୩୧।୩(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନ ମଣ୍ଡଳୀ ପାଇଁ ପୁନର୍ବାର ବିଜୁ ଜନତା ଦଳ ବିଧାୟକ ପ୍ରାର୍ଥୀ ହେବା ପରେ ରବିବାର ବିଧାୟକ ଜଗନ୍ନାଥ ନାଏକ ନିଜ ଗାଁ ପାଟଣା ନିର୍ବାଚନ ମଣ୍ଡଳୀର କଣ୍ଟିଆପଡ଼ା ଗ୍ରାମ ପଞ୍ଚାୟତର ଭଗପଶି ଗ୍ରାମର ଗ୍ରାମଦେବତୀ ମା'ବିଶୋଇ ପାଟ ଠାକୁରାଣୀଙ୍କ ପୂଜାର୍ଚ୍ଚନା କରିବା ସହିତ ଦର୍ଶନ କରି ଆଗାମୀ ନିର୍ବାଚନ ପାଇଁ ଆଶୀର୍ବାଦ ନେଇଛନ୍ତି। ବିଧାୟକ ଜଗନ୍ନାଥ ନାଏକ ଗ୍ରାମରେ ପହଞ୍ଚିବା ପରେ ଗ୍ରାମବାସୀ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହିତ ଶୋଭାଯାତ୍ରା କରି ଭଗପଶିର ଗ୍ରାମଦେବତୀ ମା'ବିଶୋଇ ପାଟ ଠାକୁରାଣୀଙ୍କ ପୀଠକୁ ନେଇଥିଲେ। ପୁଣିଥରେ ଜଗନ୍ନାଥ ନାଏକଙ୍କୁ ପ୍ରାର୍ଥୀ କରିଥିବାରୁ ଭଗପଶି ଗ୍ରାମବାସୀ ବିଜୁ ଜନତା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ, '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଓ ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

## ଆନନ୍ଦପୁର ଓ ଘସିପୁରା ବିଧାନସଭା କ୍ଷେତ୍ର

## ୪୬୧୬୦୨ ଭୋଟର କରିବେ ମତଦାନ

ଆନନ୍ଦପୁର, ୩୧।୩(ସମିସ): ଚଳିତ ସାଧାରଣ ନିର୍ବାଚନରେ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ବିଧାନସଭା କ୍ଷେତ୍ରରେ ୧, ୧୭, ୬୮୮ ଜଣ ପୁରୁଷ, ୧, ୧୫, ୫୦୬ ଜଣ ମହିଳା ଓ ୯ ଜଣ ତୃତୀୟ ଲିଙ୍ଗୀଙ୍କୁ ମିଶାଇ ସମୁଦାୟ ୨ ଲକ୍ଷ ୩୩ ହଜାର ୨୦୩ ଜଣ ଭୋଟର ରହିଥିବା ବେଳେ ଘସିପୁରା ବିଧାନସଭା କ୍ଷେତ୍ରରେ ୧, ୧୪, ୩୪୭ ଜଣ ପୁରୁଷ ଭୋଟର, ୧, ୧୩, ୩୯୯ ଜଣ ମହିଳା ଓ ୬୦ ଜଣ ତୃତୀୟଲିଙ୍ଗୀଙ୍କୁ ମିଶାଇ ସମୁଦାୟ ୨, ୨୮, ୩୯୯ ଜଣ ଭୋଟର ରହିଛନ୍ତି। ସମୁଦାୟ ଉଭୟ ବିଧାନସଭା କ୍ଷେତ୍ରରେ ୪, ୬୧, ୬୦୨ ଜଣ ଭୋଟର ମତଦାନ କରିବେ ବୋଲି ଜଣାଯାଇଛି। ଘସିପୁରା ନିର୍ବାଚନ ମଣ୍ଡଳୀରେ ୩୦୦ ବୁଥ୍ ଚିହ୍ନଟ କରାଯାଇଥିବା ବେଳେ ଆନନ୍ଦପୁରରେ ୨୯୧ ବୁଥ୍‌ରେ ଭୋଟର ମତଦାନ କରିବା ପାଇଁ ପ୍ରଶାସନିକ ପ୍ରସ୍ତୁତି ଶେଷ ହୋଇଛି। ଘସିପୁରା ନିର୍ବାଚନ ମଣ୍ଡଳୀରେ ୩୦୦ ବୁଥ୍ ଗଠନ କରାଯାଇଥିବା ବେଳେ ଆନନ୍ଦପୁରରେ ୨୯୧ ବୁଥ୍ ଗଠନ କରାଯାଇଛି। ଆନନ୍ଦପୁର ଓ ଘସିପୁରା ପାଇଁ ଶାଳପଡ଼ାସ୍ଥିତ କନକମଞ୍ଜରୀ ମହିଳା ମହାବିଦ୍ୟାଳୟ ଷ୍ଟ୍ରଙ୍ଗରୁମ୍ କାର୍ଯ୍ୟକ୍ଷମ ଥିବା ବେଳେ ଆନନ୍ଦପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏହି ଦୁଇ ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀ ସେମାନଙ୍କ ପ୍ରାର୍ଥୀପତ୍ର ଦାଖଲ କରିବେ।

# ସିଟି କିଡ୍ସ ଓ ଜାଭିଅର ହାଇସ୍କୁଲର ବାର୍ଷିକ ଉତ୍ସବ



କେନ୍ଦୁଝର, ୩୧।୩(ସମିସ): କେନ୍ଦୁଝର କାଳିପଡ଼ିଆଠାରେ ରବିବାର ସନ୍ଧ୍ୟାରେ କେନ୍ଦୁଝରର ସିଟି କିଡ୍ସ ସ୍କୁଲ ଓ ଜାଭିଅର ହାଇସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ପରିବେଶବିତ ବିମ୍ବାଧର ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ବରିଷ୍ଠ ସାମ୍ବାଦିକ ତଥା ଗୀତିକାର ସୁବ୍ରତ କୁମାର ସ୍ୱାଇଁ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସମାଜସେବୀ ତଥା ବରିଷ୍ଠ ସାମ୍ବାଦିକ ମଳୟ ମହାପାତ୍ର, କଳାକାର ନିର୍ଦ୍ଦେଶକ ତଥା କୋରିଓଗ୍ରାଫର ଦୀପକ ରାୟ, ବିଦ୍ୟାଳୟର ପ୍ରତିଷ୍ଠାତା ଅମରେନ୍ଦ୍ର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏଭଳି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କର ପ୍ରତିଭା ବିକାଶରେ ସହାୟକ ହୋଇଥାଏ ବୋଲି କହିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟରଞ୍ଜନ ଦାଶ ଅଧ୍ୟକ୍ଷତା କରିଥିଲେ। ସୁଶ୍ରୀ କ୍ଷୀରାବ୍ଧୀ ତନୟାଙ୍କ ଦ୍ୱାରା ଓଡିଶୀ ନୃତ୍ୟ, ବିଦ୍ୟାଳୟର ଶିକ୍ଷୟିତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯିବା ପରେ ଅଧ୍ୟକ୍ଷଙ୍କ ଦ୍ୱାରା ବିଦ୍ୟାଳୟର ବାର୍ଷୀକ ବିବରଣୀ ପାଠ କରାଯାଇଥିଲା। ବିଦ୍ୟାଳୟରେ ପୂର୍ବରୁ ଆୟୋଜିତ ଖାଦ୍ୟ ମେଳାର କୃତୀ ଅଭିଭାବକ ସଞ୍ଜୁକ୍ତା ସାହୁ, ବନ୍ଦିତା ମହାନ୍ତ, ଭାଗ୍ୟବତୀ ମୁଖୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ବମବମ ଭୋଲେ ଜେକେଜି, ଗଲତି ସି ମିଷ୍ଟେକ ନର୍ସରୀ, ଆଁଖିମାରେ ପ୍ଲେ, ଦିପ୍ତିପ୍ରୀୟ ମହାନ୍ତଙ୍କ ଝୁମର ନାଚ, ଜନ୍ମେୟ ସାହୁଙ୍କ ଦ୍ୱାରା ଜୟ ମା' ସମଲେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଶ୍ରୀମଦ୍ ଭଗବତ ଗୀତା ଜ୍ଞାନଯଜ୍ଞ



ରାମଚନ୍ଦ୍ରପୁର, ୩୧।୩(ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ କଇଁସିଆରୀ ଗ୍ରାମରେ ଭଗବତ୍ ଗୀତା ଜ୍ଞାନଯଜ୍ଞ ଏବଂ ସାଧୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କୁନି ପ୍ରବଚକ ଶ୍ରୀକେଶବ ଦାସ ଦ୍ୱିତୀକୃଷ୍ଣ ଭଗବତ୍ ଗୀତାର କର୍ମ, ଭକ୍ତି ଏବଂ ଜ୍ଞାନ ଯୋଗର ଉପାଦେୟତା ଉପରେ ଆଲୋପାତ କରିଥିଲେ। ଦର୍ଶନ ବିଦ୍ୟାର୍ଥୀ କବିନ୍ଦ୍ର କୁମାର ଭଗବତ ଗୀତାର ସାରକଥା ବୁଝାଇଥିଲେ। ଅନ୍ୟତମ ଅତିଥି ଭାବେ ଗୋ ବିଜ୍ଞାନୀ ବିରଞ୍ଚିନାରାୟଣ କୁଣ୍ଡୁ, ଭଗବତ ପ୍ରେମୀ ଦିଲ୍ଲିପ ମାଝୀ ପ୍ରମୂଖ ଉପସ୍ଥିତ ଥିଲେ। ପ୍ରତ୍ୟକ ବର୍ଷ ପରି ଚଳିତ ବର୍ଷ ଗ୍ରାମର ଶ୍ରଦ୍ଧାଳୁ ମାଗୁଣୀ ଚରଣ ସ୍ୱାଇଁଙ୍କ ପ୍ରଚେଷ୍ଟାରେ ଭାଗବତ ପାରାୟଣ ଗୀତା ଜ୍ଞାନଯଜ୍ଞ ଏବଂ ସାଧୁ ସମ୍ମିଳନୀ ଅନୁଷ୍ଠିତ ହୋଇ ଆସୁଛି। ପାଖଆଖ ଗ୍ରାମରୁ ଶହଶହ ସଂଖ୍ୟାରେ ମହିଳା ଏବଂ ପୁରୁଷ ଭାଗବତ ପ୍ରେମୀ ଶ୍ରଦ୍ଧାଳୁ ଏହି ଜ୍ଞାନଯଜ୍ଞରେ ସାମିଲ ହୋଇଥିଲେ। କଇଁସିଆରୀ ଗ୍ରାମବାସୀଙ୍କ ପକ୍ଷରୁ ପ୍ରମୋଦ ସ୍ୱାଇଁ, ବ୍ରଜକିଶୋର ରାଉତ, ଅଜିତ ସ୍ୱାଇଁ, ନିରାକାର ରାଉତ ସମେତ ଗ୍ରାମର ଅନେକ ଶ୍ରଦ୍ଧାଳୁ ଏହି ଗୀତା ଜ୍ଞାନଯଜ୍ଞରେ ସକ୍ରିୟ ସହଯୋଗ କରିଥିଲେ।

# ଦେଓଗାଁ ଓ ଖାଳିଆମେଣ୍ଟାରେ ଫ୍ଲାଗ୍‌ମାର୍ଚ୍ଚ

ଆନନ୍ଦପୁର, ୩୧।୩(ସମିସ): ଆସନ୍ତ ୨୦୨୪ ସାଧାରଣ ନିର୍ବାଚନ ପାଇଁ ଆନନ୍ଦପୁର ଉପଖଣ୍ଡରେ ପୁଲିସର ପ୍ରାକ ନିର୍ବାଚନୀ ପ୍ରସ୍ତୁତି ପ୍ରତିଦିନ ଜୋରଦାର କରାଯାଇଛି। ଏହି ଉପଲକ୍ଷେ ଆନନ୍ଦପୁର ପୁଲିସ ପ୍ରଶାସନ ପକ୍ଷରୁ ଆଇନଶୃଙ୍ଖଳା ପରିସ୍ଥିତିର ଅନୁଧ୍ୟାନ ପାଇଁ ବିଭିନ୍ନ ଅଞ୍ଚଳରେ ସିଆଇଏସଏଫ ଯବାନମାନଙ୍କୁ ନେଇ ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳରେ ଫ୍ଲାଗମାର୍ଚ୍ଚ ଆରମ୍ଭ ହୋଇଛି। କେନ୍ଦୁଝର ଏସ୍‌ପି ନୀତିନ କୁଶଲକର ଡାଗଡୁଙ୍କ ନିର୍ଦ୍ଦେଶରେ ଆନନ୍ଦପୁର ଏସ୍‌ଡିପିଓ ପ୍ରଶାନ୍ତ କୁମାର ବେହେରା ଆଜି ଘସିପୁରା ଥାନା ଅଞ୍ଚଳର ଦେଓଗାଁ ଓ ଖାଳିଆମେନ୍ଟା ପନଚାୟତର ବିଭିନ୍ନ ଗ୍ରାମ ଓ ଓାର୍ଡ ଅଞ୍ଚଳର ବିଭିନ୍ନ ସାହିବସ୍ତିରେ ସିଆଇଏସଫ ଯବାନ ମାନଙ୍କୁ ନେଇ ଫ୍ଲାଗମାର୍ଚ୍ଚ କରିଥିବା ଜଣାଯାଇଛି। ପୁଲିସର ଏହି ପ୍ରାକ୍ ପ୍ରସ୍ତୁତି କାର୍ଯ୍ୟରେ ଘସିପୁରା ଥାନା ଅଧିକାରୀ ସୁନିଲ କୁମାର କର ଉପସ୍ଥିତ ରହି ପୁଲିସ ବାହିନୀକୁ ପରିଚାଳନା କରିଥିଲେ।

# କ୍ରୀଡ଼ା ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ବେଲବାହାଲି, ୩୧।୩(ସମିସ): ଆନନ୍ଦପୁର ବ୍ଲକ ହରିଡାପାଳ ପଞ୍ଚାୟତ ଟୋଲଙ୍କପଡ଼ା ଜୟମଙ୍ଗଳା ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ରଘୁନାଥ ପଣ୍ଡା ଦୀର୍ଘ ୩୭ ବର୍ଷ ଶିକ୍ଷକତା କରି ଆଜି ଚାକିରି କାଳରୁ ଅବସର ଗ୍ରହଣ କରିଛନ୍ତି। ଆଜି ବିଦ୍ୟାଳୟ ପରିସରରେ ପୁରାତନ ଛାତ୍ରଛାତ୍ରୀ ଏବଂ ବିଦ୍ୟାଳୟ କମିଟି ସହଯୋଗରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ପ୍ରଧାନ ଶିକ୍ଷକ କେଶବ ଚନ୍ଦ୍ର ପରିଡ଼ା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷା ଅଧିକାରୀ ଶରତ ଚନ୍ଦ୍ର ରାଉତ,



ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପୀତବାସ ପଢ଼ିଆରି, ସମ୍ମାନିତ ଅତିଥି ଭାବେ ରାଜ୍ୟ ଓସ୍ତା କାଯ୍ୟକାରୀ ସଦସ୍ୟ ଜ୍ଞାନେନ୍ଦ୍ର କୁମାର ଦେଓ, ସ୍ଥାନୀୟ ସରପଞ୍ଚ ମିନତୀ ମହାରଣା, କମିଟି ସଭାପତି ମନୋରଞ୍ଜନ ପଣ୍ଡା, ଶତ୍ରୁଘନ ସାହୁ, ସ୍କୁଲର ପ୍ରତିଷ୍ଠାତା ଭାଗବତ ବାରିକ ପ୍ରମୁଖ ଉପସ୍ଥିତ ରହି ବିଦାୟୀ କ୍ରୀଡ଼ା ଶିକ୍ଷକଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷକ ଅଜୟ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିବା ସହ ଶିକ୍ଷକ ରଞ୍ଜନ କୁମାର ଜେନା ଧନ୍ୟବାଦ ଜଣାଇଥିଲେ। ପରେ ପୁରାତନ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ବର୍ତ୍ତମାନର ଛାତ୍ରଛାତ୍ରୀ ମାନେ ପୁଷ୍ପଗୁଚ୍ଛ ଉପଢୌକନ ଦେଇ ସମ୍ବର୍ଦ୍ଧନା ପ୍ରଦାନ କରି ବାଜାଢୋଲ ବଜାଇ କ୍ରୀଡ଼ା ଶିକ୍ଷକଙ୍କୁ ଗ୍ରାମ ପରିକ୍ରମା କରି ତାଙ୍କ ଗ୍ରାମ ଶୈଳଙ୍ଗ ସ୍ଥିତ ବାସଭବନରେ ଛାଡିଥିଲେ।

## ବିଶୋଇରେ ନିଉ ବସନ୍ତ ମହୋତ୍ସବ ଉଦ୍‌ଯାପିତ

# ମନମୋହିଲା ମହିଳାଙ୍କ ଛେମେକ ତାଳାମ

ବିଶୋଇ, ୩୧।୩ (ସମିସ)



ବିଶୋଇ ମନ୍ଦିର ସାହି କମିଟି ଆନୁକୂଲ୍ୟରେ ନୃତ୍ୟ, ଗୀତ, କ୍ରୀଡା କୌତୁକ ଓ ଏକାଙ୍କିକାର ବିରାଟ ସମ୍ଭାର ଅଷ୍ଟମ ବାର୍ଷିକ ନିଉ ବସନ୍ତ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବାଳକ, ବାଳିକା ବିଭାଗର ଦୌଡ଼, ଚାମଚ ଦୌଡ଼, ଲମ୍ବ ଡିଆଁ, ଅଙ୍କ କୋଷା, ସାଧାରଣ ଜ୍ଞାନ, ଝିଲାପି ଖିଆ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସମସ୍ତ କ୍ରୀଡା ମଧ୍ୟରୁ ମହିଳାଙ୍କ ଭରା ମାଠିଆ ଦୌଡ଼, ବୟସ୍କଙ୍କ ଦୌଡ଼ ଏବଂ ମହିଳାମାନଙ୍କର ଛେମେକ ତାଳାମ (ମଡେଲ ଚାଲି) ବେଶ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଥିଲା। ଏହି ଅବସରରେ ବିଶୋଇ ଅଞ୍ଚଳର ଆଦର୍ଶ ଶିକ୍ଷକ/ଶିକ୍ଷୟିତ୍ରୀଭାବେ ପରିଚିତ ଭାରତୀ ମଞ୍ଜରୀ ମହାନ୍ତି, ଦୟାନିଧି ରାଜ୍, ଶଶିକାନ୍ତ ପାତ୍ର, ସନ୍ତୋଷ ନାୟକ, ଜଗେଶ୍ୱର ବେହେରା, ସର୍ବେଶ୍ୱର ପଣ୍ଡା, ଜଗନ୍ନାଥ ନନ୍ଦ, ଅରୁଣା ଦେ, ବିଳାସମଣି ବାରିକ, ଗରିବ ସିଂ ମହାନ୍ତ, ସ୍ୱରୂପ ନନ୍ଦ, ବସନ୍ତ ହୋତା, ବସନ୍ତ ବାସ୍କେ, ରବୀନ୍ଦ୍ର ମହାନ୍ତ, ହରିହର ପଣ୍ଡା, କାଶୀନାଥ ମହାପାତ୍ରଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ଦେଇ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅପରାହ୍ନରେ ଡ଼ାଣ୍ଟା, ବୁଢ଼ୀଗାଡି ପ୍ରମୁଖ ଆଦିବାସୀ ପାରମ୍ପରିକ ନୃତ୍ୟ ପରିବେଷଣ କରାଯାଇଥିଲା। ସନ୍ଧ୍ୟା ସମୟରେ କମିଟି ସଭାପତି ଦେବାଶିଷ ମହାନ୍ତଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବରେ ପ୍ରାକ୍ତନ ସାଂସଦ ଇଂ ରାମଚନ୍ଦ୍ର ହାଁସଦା, ମୁଖ୍ୟବ୍ୟକ୍ତା ଭାବରେ ବ୍ଲକ ଅଧ୍ୟକ୍ଷା ତୁଳସୀ ସିକ୍ରି ହାଁସଦା ଏବଂ ସମ୍ମାନିତ ଅତିଥି ଭାବରେ ବିଶୋଇ ସରପଞ୍ଚ କରୁଣା ସାଗର ମାର୍ଣ୍ଡି, ସମିତି ସଦସ୍ୟ କାଶୁ ମାଝୀ, ଖଡ଼ମବେଡା ପଞ୍ଚାୟତ ସମିତି ସଦସ୍ୟା ବାସନ୍ତୀ ହାଁସଦା, ଅନ୍ତର୍ଜାତୀୟ ଆଥଲେଟିକ୍ ବିରଧାନ ମାର୍ଣ୍ଡି (ଏସିଆନ ମେଡାଲିଷ୍ଟ), ସମାଜସେବୀ ସୁରାଇ ହାଁସଦା, ୱାର୍ଡସଭ୍ୟା ଦିପ୍ତୀମୟୀ ରାଜ, ୱାର୍ଡସଭ୍ୟା ସତ୍ୟଭାମା ଦେ, ୱାର୍ଡସଭ୍ୟ ବିବେକାନନ୍ଦ ଦାଶ, ୱାର୍ଡସଭ୍ୟା କଟିମଣି ନାଏକ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବସନ୍ତ ଋତୁକୁ ସ୍ୱାଗତ ଜଣାଇବା ସହିତ କ୍ରୀଡା, ନୃତ୍ୟ ଆୟୋଜନ କରି ଲୁକ୍କାୟିତ ପ୍ରତିଭାର ବିକାଶ ଏବଂ ଆଦିବାସୀ ସଂସ୍କୃତିକୁ ବଜାୟ ରଖିବା ପାଇଁ ଏହି ଉତ୍ସବ ଏକ ମାଧ୍ୟମ ବୋଲି ଅତିଥିମାନେ ମତ ଦେଇଥିଲେ। ସୋମବାର ଅପରାହ୍ନରେ ପାରମ୍ପରିକ ନୃତ୍ୟ 'ଲାଗଣେ' ପ୍ରତିଯୋଗିତା ଅନୁଷ୍ଠିତ ହେବ। କମିଟସ ସଦସ୍ୟ ସୁଶାନ୍ତ ମହାନ୍ତି କ୍ରୀଡା ପରିଚାଳନା କରିଥିବାବେଳେ କମିଟି ସଭାପତି ଦେବାଶିଷ ମହାନ୍ତ, ଉପସଭାପତି ଆନନ୍ଦ ରାମ, ସମ୍ପାଦକ ଅମଲେଶ ସି, ସହସମ୍ପାଦକ ଭାଦବ୍ ହେମ୍ବ୍ରମ ଓ ରତନ ହାଁସଦା, କୋଷାଧ୍ୟକ୍ଷ ସଞ୍ଜୀବ ସେଠୀ, ସୁକଦା ମାର୍ଣ୍ଡି ସମେତ ସମସ୍ତ ସଦସ୍ୟ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ଖରଡ଼ାବନ୍ଦିରେ ସାମ୍ବାଦିକଙ୍କ ସ୍ମୃତିସଭା



ଆନନ୍ଦପୁର, ୩୧।୩(ସମିସ): କେନ୍ଦୁଝର ଜିଲ୍ଲା ସୀମାନ୍ତ ଖରଡାବନ୍ଦି ଗ୍ରାମରେ ସାମ୍ବାଦିକ ଦେବୀପ୍ରସନ୍ନ ସାମଲଙ୍କ ଏକାଦଶାହ ଉପଲକ୍ଷେ ଏକ ସ୍ମୃତିଚାରଣ ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ମଧୁଲିତା ପରିଡ଼ାଙ୍କ ସଂଯୋଜନାରେ ଗ୍ରାମ୍ୟ ଉନ୍ନୟନମନ୍ତ୍ରୀ ପ୍ରୀତିରଞ୍ଜନ ଘଡେଇ, ବିଧାୟକ ବଦ୍ରିନାରାୟଣ ପାତ୍ର, ଆଇନଜୀବୀ ବିଚିତ୍ର ଚକ୍ର, ଅଧ୍ୟାପକ ଯୁଗଳ କିଶୋର ହୋତା, ଶିକ୍ଷାବିତ୍ ଅମରେଶ ବିଶ୍ୱାଳ, ସମାଜସେବୀ ରବୀନ୍ଦ୍ର ନାୟକ, ଡମ୍ବରୁଧର ସାମଲ, ବିଷ୍ଣୁ ଚରଣ ସାମଲ, ଆଇନଜୀବୀ ରୁଦ୍ର ନାରାୟଣ ପାତ୍ର, ମାତୃପ୍ରସାଦ ଯୋଗ ଦେଇ ଦିବଙ୍ଗତ ସାମ୍ବାଦିକ ଜଣେ ସମାଜ ସଂସ୍କାରକ ଭାବେ କାର୍ଯ୍ୟ କରୁଥିଲେ ବୋଲି ମତବ୍ୟକ୍ତ କରିଥିଲେ। ତାଙ୍କର ଧର୍ମ ପତ୍ନୀ ଶ୍ରୀମତୀ ଇତିଶ୍ରୀ ସାମଲ ଧନ୍ୟବାଦ ଦେଇଥିଲେ।

# ସମାଜସେବୀଙ୍କ ପରଲୋକ



ରାଇରଙ୍ଗପୁର, ୩୧।୩(ସମିସ): ରବିବାର ରାଇରଙ୍ଗପୁର ସହରର ସମାଜସେବୀ ତଥା ସାମ୍ବାଦିକ ରୂପେ ପରିଚିତ କୁଞ୍ଜବିହାରୀ ମହାନ୍ତିଙ୍କ ପରଲୋକ ହୋଇଯାଇଛି। ସେ ଜଣେ ପରୋପକାରୀ, ଧର୍ମପରାୟଣ, ମିଷ୍ଟଭାଷୀ, ପ୍ରବୃତ୍ତି ବ୍ୟକ୍ତିତ୍ୱର ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖବର ପାଇ ବ୍ୟବସାୟୀ, ରାଜନୈତିକ ନେତା, ସାମ୍ବାଦିକ ସହ ବରିଷ୍ଠ ଲୋକେ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରି ଶୋକାକୁଳ ପରିବାରକୁ ସମବେଦନା ଜଣାଇଥିଲେ। ସ୍ଥାନୀୟ ଖଡଖାଇ ନଦୀ କୂଳରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

